ଦାଦା ଭଗବାନ ପ୍ରରୂପିତ

# ଅନ୍ତଃକରଣର ସ୍ୱରୂପ




Oriya

ଦାଦା ଭଗବାନ ପ୍ରରୂପିତ

# ଅନ୍ତଃକରଣର ସ୍ୱରୂପ

ମୂଳ ଗୁଜରାଟୀ ସଙ୍କଳନ : ଡା. ନୀରୂବେନ ଅମୀନ
ଅନୁବାଦ : ମହାତ୍ମାଗଣ

**ପ୍ରକାଶକ :** ଅଜିତ୍ ସି. ପଟେଲ
ଦାଦା ଭଗବାନ ବିଜ୍ଞାନ ଫାଉଣ୍ଡେସନ୍
1, ବରୁଣ ଆପାର୍ଟମେଣ୍ଟ, 37, ଶ୍ରୀମାଳି ସୋସାଇଟୀ,
ନବରଙ୍ଗପୁରା ପୋଲିସ ଷ୍ଟେସନ୍ ପାଖ, ନବରଙ୍ଗପୁରା,
ଅହମଦାବାଦ - 380009,
Gujarat, India.
ଫୋନ୍ - +91 7935002100

© : Dada Bhagwan Foundation,
5, Mamata Park Society, B/h. Navgujarat College,
Usmanpura, Ahmedabad-380014, Gujarat, India.
**Email :** info@dadabhagwan.org
**Tel.:** +91 79 3500 2100

**All Rights Reserved. No part of this publication may be shared, copied, translated or reproduced in any form (including electronic storage or audio recording) without written permission from the holder of the copyrights. This publication is licensed for your personal use only.**

**ପ୍ରଥମ ସଂସ୍କରଣ :** 500 ଖଣ୍ଡ, ଜୁନ 2021

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** 20 ଟଙ୍କା

**ମୁଦ୍ରକ :** ଅମ୍ବା ମଲ୍ଟିପ୍ରିଣ୍ଟ
B-99, ଇଲେକ୍ଟ୍ରୋନିକ୍ସ GIDC,
K-6 ରୋଡ୍, ସେକ୍ଟର-25,
ଗାନ୍ଧୀନଗର-382044
Gujarat, India.
ଫୋନ୍ : +91 7935002142

# ତ୍ରିମନ୍ତ୍ର






ନମୋ ଅରିହନ୍ତାଣଂ
ନମୋ ସିଦ୍ଧାଣଂ
ନମୋ ଆୟରିୟାଣଂ
ନମୋ ଉବଜ୍ଝାୟାଣଂ
ନମୋ ଲୋଏ ସବ୍ୱସାହୁଣଂ
ଏସୋ ପଞ୍ଚ ନମୁକ୍କାରୋ,
ସବ୍ୱ ପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ୱେସିଂ,
ପଢମଂ ହବଇ ମଙ୍ଗଲମ୍ ।।୧ ।।
ଓଁ ନମୋ ଭଗବତେ ବାସୁଦେବାୟ ।।୨।।
ଓଁ ନମଃ ଶିବାୟ ।। ୩ ।।
।। ଜୟ ସଚ୍ଚିଦାନନ୍ଦ ।।





## 'ଦାଦା ଭଗବାନ' କିଏ ?

ଜୁନ୍ ୧୯୫୮ର ଏକ ସନ୍ଧ୍ୟା, ସମୟ ପାଖାପାଖି ଛ'ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ୍ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୁଳ୍‌ଜୀଭାଇ ପଟେଲ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର 'ଦାଦା ଭଗବାନ' ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । 'ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ'ଣ ? ମୁକ୍ତି କ'ଣ ?' ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଳ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ'ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

'ବ୍ୟାପାରରେ ଧର୍ମ ରହିବା ଉଚିତ, ଧର୍ମରେ ବ୍ୟାପାର ନୁହେଁ', ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ 'ଦାଦା ଭଗବାନ କିଏ ?'ର ରହସ୍ୟ ବତାଇବାକୁ ଯାଇ କହୁଥିଲେ ଯେ, "ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ 'ଏ.ଏମ୍. ପଟେଲ' ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ 'ଦାଦା ଭଗବାନ' ଅଟନ୍ତି । ଦାଦା ଭଗବାନ ତ' ଚଉଦ ଲୋକର ନାଥ ଅଟନ୍ତି । ସେ ତୁମ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ତୁମ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ 'ଏଠାରେ' ମୋ ଭିତରେ ସମ୍ପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।"

# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବି । ପରେ ଅନୁଗାମୀ ଦରକାର କି ନାହିଁ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା?"

- ଦାଦାଶ୍ରୀ

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉ ଥିଲେ । ସେ ନିଜର ଜୀବନକାଳ ମଧ୍ୟରେ ପୂଜ୍ୟ ଡା. ନୀରୂବେନ ଅମୀନ(ନୀରୂମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ । ଦାଦାଶ୍ରୀଙ୍କ ଦେହବିଲୟ ପରେ ନୀରୂମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉ ଥିଲେ । ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ । ନୀରୂମାଁଙ୍କ ଉପସ୍ଥିତିରେ ହିଁ ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୂମାଁଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁଅଛି । ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି ।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, କିନ୍ତୁ ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ । ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲା ଅଛି । ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରିବ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କରି ହିଁ ସ୍ୱୟଂର ଆତ୍ମା ଜାଗୃତ ହୋଇପାରିବ ।

# ନିବେଦନ

## (ଅବଶ୍ୟ ପଢ଼ନ୍ତୁ)

ପରମ ପୂଜ୍ୟ ଦାଦା ଭଗବାନଙ୍କ ଶ୍ରୀମୁଖରୁ ବାହାରିଥିବା ଜ୍ଞାନବାଣୀ ଯାହାକୁ ଅଡ଼ିଓ କ୍ୟାସେଟରେ ରେକର୍ଡ଼୍ କରାଯାଇଥିଲା । ସେହି ଜ୍ଞାନବାଣୀକୁ ଅଡ଼ିଓ କ୍ୟାସେଟରୁ ଟ୍ରାନ୍ସକ୍ରାଇବ୍ କରି ବହୁତ ବର୍ଷ ପୂର୍ବେ ଆପ୍ତବାଣୀ ଗ୍ରନ୍ଥ ପ୍ରସ୍ତୁତ କରାଯାଇଥିଲା ! ସେହି ଗ୍ରନ୍ଥକୁ ପୁଣି ଥରେ ସଙ୍କଳିତ କରି ନିମ୍ନଲିଖିତ ଛଅ ଛୋଟ-ଛୋଟ ପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହାଫଳରେ ପାଠକଙ୍କୁ ପଢ଼ିବା ପାଇଁ ସୁବିଧା ହେବ ।

| | |
|---|---|
| ୧. ଜ୍ଞାନୀ ପୁରୁଷଙ୍କ ପରିଚୟ | ୪. ଅନ୍ତଃକରଣର ସ୍ୱରୂପ |
| ୨. ଜଗତ କର୍ତ୍ତା କିଏ ? | ୫. ଆତ୍ମବୋଧ |
| ୩. କର୍ମର ସିଦ୍ଧାନ୍ତ | ୬. ସର୍ବ ଦୁଃଖରୁ ମୁକ୍ତି |

ପରମ ପୂଜ୍ୟ ଦାଦାଶ୍ରୀ ହିନ୍ଦୀରେ ବହୁତ କମ କହୁଥିଲେ, କେବେ ହିନ୍ଦୀଭାଷୀ ଲୋକ ଆସି ଯାଉଥିଲେ, ଯେଉଁମାନେ ଗୁଜରାଟୀ ବୁଝିପାରୁ ନଥିଲେ, ସେମାନଙ୍କ ପାଇଁ ପୂଜ୍ୟଶ୍ରୀ ହିନ୍ଦୀ କହି ଦେଉଥିଲେ । ତାଙ୍କ ହିନ୍ଦୀ 'ପ୍ୟୋର୍' ହିନ୍ଦୀ ନୁହେଁ, ତଥାପି ଶୁଣିବାବାଲାଙ୍କୁ ତାଙ୍କର ଅନ୍ତର ଆଶୟ 'ଏକଜାକ୍ଟ' ବୁଝା ପଡ଼ିଯାଏ । ତାଙ୍କ ବାଣୀ ହୃଦୟସ୍ପର୍ଶୀ, ହୃଦୟଭେଦୀ ହୋଇଥିବା କାରଣରୁ ଯେପରି ବାହାରିଛି ସେହିପରି ସଙ୍କଳିତ କରି ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ବିଜ୍ଞ ପାଠକଙ୍କୁ ତାଙ୍କ 'ଡିରେକ୍ଟ' ଶବ୍ଦ ପହଞ୍ଚିବ । ତାଙ୍କର ହିନ୍ଦୀ ଅର୍ଥାତ ଗୁଜରାଟୀ, ଇଂରାଜୀ ଏବଂ ହିନ୍ଦୀର ମିଶ୍ରଣ । ତଥାପି ଶୁଣିବାକୁ, ପଢ଼ିବାକୁ ବହୁତ ମିଠା ଲାଗେ, ନେଚୁରାଲ୍ ଲାଗେ, ଜୀବନ୍ତ ଲାଗେ । ସେହି ଶବ୍ଦ, ତାହା ଭାଷାକୀୟ ଦୃଷ୍ଟିରୁ ସାଦା-ସିଧା ଅଟେ କିନ୍ତୁ 'ଜ୍ଞାନୀପୁରୁଷ'ଙ୍କ ଦର୍ଶନ ନିରାବରଣ ଅଟେ, ସେଥିପାଇଁ ତାଙ୍କର ପ୍ରତ୍ୟେକ ବଚନ ଆଶୟପୂର୍ଣ୍ଣ, ମର୍ମସ୍ପର୍ଶୀ, ମୌଳିକ ଏବଂ ସାମ୍ନାବ୍ୟକ୍ତିର ଭ୍ୟୁ-ପଏଣ୍ଟକୁ ଏକଜାକ୍ଟ ବୁଝି ବାହାରିଥିବା କାରଣରୁ ଶ୍ରୋତାଙ୍କ ଦର୍ଶନ ସୁସ୍ପଷ୍ଟ ଖୋଲି ଦିଏ ଏବଂ ଅଧିକ ଉଚ୍ଚକୁ ନେଇଯାଏ ।

**- ଡା. ନୀରୂବେନ ଅମୀନ**

**ବି.ଦ୍ର.-**

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି । ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶାଯାଇଥିବା ଶବ୍ଦ ବା ବାକ୍ୟ ପରମପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟକୁ ଅଧିକ ସ୍ପଷ୍ଟତାପୂର୍ବକ ବୁଝାଇବା ପାଇଁ ଲେଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୁଖରୁ ବାହାରିଥିବା କିଛି ଗୁଜରାଟୀ ଶବ୍ଦ ଯେମିତିକୁ ସେମିତି *ଇଟାଲିକ୍ସ* ରେ ରଖାଯାଇଛି, କାରଣ ସେ ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କିଛି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇପାରିବ । କିନ୍ତୁ ସେହି ଶବ୍ଦର ସମାର୍ଥକ ଶବ୍ଦ ବନ୍ଧନୀରେ ଏବଂ ପୁସ୍ତକର ଶେଷରେ ମଧ୍ୟ ଦିଆଯାଇଛି ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

## ସମ୍ପାଦକୀୟ

କେବଳ ଜ୍ଞାନୀପୁରୁଷ ହିଁ ନିଜ ଅନ୍ତଃକରଣରୁ ସମ୍ପୂର୍ଣ୍ଣ ଅଲଗା ରହନ୍ତି । ଆତ୍ମାରେ ହିଁ ରହି ତାହାର ଯଥାର୍ଥ ବର୍ଣ୍ଣନା କରିପାରନ୍ତି । ଜ୍ଞାନୀପୁରୁଷ ପରମପୂଜ୍ୟ ଦାଦା ଭଗବାନ (ଦାଦାଶ୍ରୀ) ଅନ୍ତଃକରଣର ବହୁତ ସୁନ୍ଦର, ସ୍ପଷ୍ଟ ବର୍ଣ୍ଣନା କରିଛନ୍ତି ।

ଅନ୍ତଃକରଣର ଚାରୋଟି ଅଙ୍ଗ ଅଛି । ମନ-ବୁଦ୍ଧି-ଚିତ୍ତ-ଅହଙ୍କାର । ପ୍ରତ୍ୟେକର କାର୍ଯ୍ୟ ଅଲଗା-ଅଲଗା ଅଟେ । ଏକ ସମୟରେ ସେଥିରୁ ଜଣେ ହିଁ କାର୍ଯ୍ୟାନ୍ୱିତ ଥାଏ ।

ମାଇଣ୍ଡ କ'ଣ ? ମନ ଗ୍ରନ୍ଥିରୁ ତିଆରି ହୋଇଛି । ପୂର୍ବ ଜନ୍ମରେ ଅଜ୍ଞାନତାରୁ ଯେଉଁଥିରେ ରାଗ୍-ଦ୍ୱେଷ କଲେ, ତାହାର ପରମାଣୁ ଆକର୍ଷିତ ହେଲା ଏବଂ ତାହା ସଂଗୃହୀତ ହୋଇ ଗ୍ରନ୍ଥି ହୋଇଗଲା । ସେହି ଗ୍ରନ୍ଥି ଏହି ଜନ୍ମରେ ଫୁଟେ ଏବଂ ତାହାକୁ ବିଚାର କୁହାଯାଏ । ବିଚାର, ତାହା ଡିସ୍‌ଚାର୍ଜ ମନ ଅଟେ । ବିଚାର ଆସେ ସେହି ସମୟରେ ଅହଙ୍କାର ସେଥିରେ ତନ୍ମୟାକାର ହୁଏ । ଯଦି ସେ ତନ୍ମୟାକାର ନ ହେଲା ତେବେ ଡିସ୍‌ଚାର୍ଜ ହୋଇ ମନ ଖାଲି ହୋଇଯାଏ । ଯାହାର ବେଶୀ ବିଚାର ତାହାର ମନୋଗ୍ରନ୍ଥୀ ବଡ଼ ହୋଇଥାଏ ।

ଅନ୍ତଃକରଣର ଦ୍ୱିତୀୟ ଅଙ୍ଗ ହେଉଛି, ଚିତ୍ତ ! ଚିତ୍ତର ସ୍ୱଭାବ ହେଉଛି ଭଟକିବା । ମନ କେବେ ଭଟକେ ନାହିଁ । ଚିତ୍ତ ସୁଖ ଖୋଜିବା ପାଇଁ ଭଟକି ଚାଲିଥାଏ । କିନ୍ତୁ ସେ ସମସ୍ତ ଭୌତିକ ସୁଖ ବିନାଶୀ ହୋଇଥିବା କାରଣରୁ ତା'ର ଖୋଜିବାର ଅନ୍ତ ଆସେ ହିଁ ନାହିଁ । ସେଥିପାଇଁ ସେ ସର୍ବଦା ଭଟକୁଥାଏ । ଯେବେ ଆତ୍ମସୁଖ ମିଳେ ତେବେଯାଇ ତା'ର ଭଟକିବାର ଅନ୍ତ ଆସେ । ଚିତ୍ତ ଜ୍ଞାନ-ଦର୍ଶନରୁ ତିଆରି ହୋଇଛି । ଅଶୁଦ୍ଧ ଜ୍ଞାନ+ଅଶୁଦ୍ଧ ଦର୍ଶନ ଅର୍ଥାତ୍ ଅଶୁଦ୍ଧ ଚିତ୍ତ, ସଂସାରୀ ଚିତ୍ତ ଏବଂ ଶୁଦ୍ଧ ଜ୍ଞାନ+ଶୁଦ୍ଧ ଦର୍ଶନ ଅର୍ଥାତ୍ ଶୁଦ୍ଧ ଚିତ୍ତ, ଅର୍ଥାତ ଶୁଦ୍ଧ ଆତ୍ମା ।

ବୁଦ୍ଧି ଆତ୍ମାର ଇନ୍‌ଡିରେକ୍ଟ(indirect) ଲାଇଟ୍ ଏବଂ ପ୍ରଜ୍ଞା ଡିରେକ୍ଟ (direct) ଲାଇଟ୍ ଅଟେ । ବୁଦ୍ଧି ସର୍ବଦା ଲାଭ-କ୍ଷତି ଦେଖାଏ ଏବଂ ପ୍ରଜ୍ଞା ମୋକ୍ଷର ହିଁ ରାସ୍ତା ଦେଖାଏ । ଇନ୍ଦ୍ରିୟ ଉପରେ ମନ, ମନ ଉପରେ ବୁଦ୍ଧି, ବୁଦ୍ଧି ଉପରେ ଅହଙ୍କାର ଏବଂ ଏ ସମସ୍ତଙ୍କ ଉପରେ ଆତ୍ମା । ବୁଦ୍ଧି, ସେ ମନ ଏବଂ ଚିତ୍ତ - ଉଭୟଙ୍କ ମଧ୍ୟରୁ ଜଣଙ୍କର ଶୁଣି ନିର୍ଣ୍ଣୟ କରେ ଏବଂ ଅହଙ୍କାର ଅନ୍ଧ ହୋଇଥିବା କାରଣରୁ ବୁଦ୍ଧିର କହିବା ଅନୁସାରେ, ସେଥିରେ ନିଜ ହସ୍ତାକ୍ଷର କରିଦିଏ । ତା'ର ହସ୍ତାକ୍ଷର ହେବା ମାତ୍ରେ ସେହି କାର୍ଯ୍ୟ

ବାହ୍ୟକରଣରେ ହୁଏ । ଅହଙ୍କାର କର୍ତ୍ତା-ଭୋକ୍ତା ହୁଏ, ସେ ସ୍ୱୟଂ କିଛି କରେ ନାହିଁ, ସେ କେବଳ ମାନେ ଯେ ମୁଁ କଲି । ଏବଂ ସେହି ସମୟରେ ସେ କର୍ତ୍ତା ହୋଇଯାଏ । ପୁଣି ତା'କୁ ଭୋକ୍ତା ହେବାକୁ ହିଁ ପଡ଼େ । ସଂଯୋଗ କର୍ତ୍ତା ଅଟେ, ମୁଁ ନୁହେଁ, ଏହି ଜ୍ଞାନ ହେବା ମାତ୍ରେ ଅକର୍ତ୍ତା ହୁଏ, ପରେ ତା'କୁ କର୍ମ ଚାର୍ଜ ହୁଏ ନାହିଁ । ଅନ୍ତଃକରଣର ସମସ୍ତ ପ୍ରକ୍ରିୟା ମେକାନିକଲ୍(ଯାନ୍ତ୍ରିକ) ଅଟେ । ଏଥିରେ ଆତ୍ମାକୁ କିଛି କରିବାକୁ ପଡ଼େ ନାହିଁ । ଆତ୍ମା ତ କେବଳ ଜ୍ଞାତା-ଦ୍ରଷ୍ଟା ଏବଂ ପରମାନନ୍ଦୀ ହିଁ ଅଟେ ।

**-ଡା ନୀରୂବେନ ଅମୀନ**

# ଅନ୍ତଃକରଣର ସ୍ୱରୂପ

## ଜ୍ଞାନୀପୁରୁଷ, ବିଶ୍ୱର observatory

ଜ୍ଞାନୀପୁରୁଷଙ୍କୁ ତ ଓ୍ୱାର୍ଲଡ୍‌ର ଅବ୍‌ଜର୍ବେଟରୀ (observatory) କୁହାଯାଏ। ବ୍ରହ୍ମାଣ୍ଡରେ ଯାହା ଚାଲୁଅଛି, 'ଜ୍ଞାନୀପୁରୁଷ' ସେ ସବୁ ଜାଣନ୍ତି। ବେଦରୁ ଉପରର କଥା 'ଜ୍ଞାନୀପୁରୁଷ' ବତାଇ ପାରିବେ।

ତୁମେ କିଛି ବି ପଚାର, ମୋତେ ଖରାପ ଲାଗିବ ନାହିଁ। ପୁରା ଓ୍ୱାର୍ଲଡ୍‌ର ସାଇଣ୍ଟିଷ୍ଟ ଯାହା ମାଗିବେ ସେ ସବୁ ଜ୍ଞାନ ଦେବି, ଯେ ମାଇଣ୍ଡ କ'ଣ, ତାହାର ଜନ୍ମ କିପରି ହୁଏ, କିପରି ତାହାର ମରଣ ହୋଇପାରିବ। ସବୁ, ମାଇଣ୍ଡର, ବୁଦ୍ଧିର, ଚିତ୍ତର, ଇଗୋଇଜମ୍‌ର, ପ୍ରତ୍ୟେକ ଜିନିଷର ପୁରା ସାଇନ୍ସ ମୁଁ ଦୁନିଆକୁ ଦେବା ପାଇଁ ଆସିଛି। ମାଇଣ୍ଡ କ'ଣ, ବୁଦ୍ଧି କ'ଣ, ଚିତ୍ତ କ'ଣ, ଇଗୋଇଜମ୍ କ'ଣ, ସବୁକିଛି ଜାଣିବା ଉଚିତ୍।

**ପ୍ରଶ୍ନକର୍ତ୍ତା :** ଯାହା ପାଖରେ ମନ ଥାଏ, ତା'କୁ ହିଁ ମନୁଷ୍ୟ କହନ୍ତି ?

**ଦାଦାଶ୍ରୀ :** ହଁ, ଠିକ୍ କଥା। କିନ୍ତୁ ଏହି ପଶୁ-ପକ୍ଷୀଙ୍କର ବି ମନ ଥାଏ, କିନ୍ତୁ ତାଙ୍କ ମନ ଲିମିଟେଡ୍ ଅଟେ ଏବଂ ମନୁଷ୍ୟର ଅନ୍‌ଲିମିଟେଡ୍ ମାଇଣ୍ଡ। ନିଜେ ହିଁ ଭଗବାନ ହୋଇପାରିବ, ଏପରି ମାଇଣ୍ଡ ଅଛି ତା' ପାଖରେ।

## ମନୋଗ୍ରନ୍ଥିରୁ ମୁକ୍ତି କିପରି ?

**ପ୍ରଶ୍ନକର୍ତ୍ତା :** ଏହି ମନ ଅଛି, ତାହା ହିଁ ବଡ଼ ଅସୁବିଧା।

**ଦାଦାଶ୍ରୀ :** ନା, ମନ ତ ବହୁତ ଫାଇଦା କରିବାବାଲା ଅଟେ। ସେ ମୋକ୍ଷରେ ମଧ୍ୟ ନେଇଯାଏ।

**ପ୍ରଶ୍ନକର୍ତ୍ତା :** ମନ କ'ଣ ?

**ଦାଦାଶ୍ରୀ :** ତାହା କେବଳ ଗ୍ରନ୍ଥି ଅଟେ । ବହୁତ ଗ୍ରନ୍ଥି ମିଶି ମନ ତିଆରି ହୁଏ ।

ଏହି ସମର୍ ସିଜନ୍(ଗ୍ରୀଷ୍ମଋତୁ)ରେ ଯଦି ତୁମେ କ୍ଷେତକୁ ଯିବ ତେବେ ତୁମକୁ କ୍ଷେତ ପୁରା ସଫା ଦେଖାଯିବ । ତାହାକୁ ତୁମେ ଏପରି ମାନିନେବ ଯେ ମୋ କ୍ଷେତ ପୁରା ସଫା ଅଛି । ତେବେ ମୁଁ କହିବି, ଜୁନ ମାସର ପନ୍ଦର ତାରିଖ ଯିବାକୁ ଦିଅ, ପୁଣି ତୁମକୁ ବର୍ଷା ଦିନରେ ଜଣା ପଡ଼ିଯିବ । ପୁଣି ବର୍ଷା ହୋଇଯିବା ପରେ ତୁମେ କହିବ ଯେ, ଏଡ଼ିକି ଏଡ଼ିକି ଘାସ ଉଠିଛି । ତେବେ ମୁଁ କହିବି ଯେ 'ଯେଉଁ ଘାସ ଉଠିଛି ତାହାର ଗ୍ରନ୍ଥି ଅଛି ।' ଭିତରେ ଯେଉଁ ଗ୍ରନ୍ଥି ଅଛି, ତାହାକୁ ପାଣିର ସଂଯୋଗ ମିଳିଗଲେ ସବୁ ଅଙ୍କୁରିତ ହୋଇଯାଏ । ଏହିପରି ମଣିଷ ଭିତରେ ମନ ଅଛି, ତାହା ଗ୍ରନ୍ଥି ସ୍ୱରୂପ ଅଟେ । ବିଷୟର ଗ୍ରନ୍ଥି ଅଛି, ଲୋଭର ଗ୍ରନ୍ଥି ଅଛି, ମାଂସାହାରର ଗ୍ରନ୍ଥି ଅଛି, ସବୁଥିର ଗ୍ରନ୍ଥି ଅଛି । କିନ୍ତୁ ଯେପର୍ଯ୍ୟନ୍ତ ତାହାକୁ ଟାଇମ୍ ନ ମିଳିଛି, ସଂଯୋଗ ନ ମିଳିଛି, ସେପର୍ଯ୍ୟନ୍ତ ସେହି ଗ୍ରନ୍ଥି ଫୁଟିବ ନାହିଁ । ତାହାର ଟାଇମ୍ ହୋଇଗଲା, ସଂଯୋଗ ମିଳିଗଲା ତେବେ ଗ୍ରନ୍ଥିରୁ ବିଚାର ଆସିଯିବ । ସ୍ତ୍ରୀକୁ ଦେଖି ତା'କୁ ବିଚାର ଆସେ, ଯେପର୍ଯ୍ୟନ୍ତ ନ ଦେଖିଛି ସେପର୍ଯ୍ୟନ୍ତ କିଛି ଅସୁବିଧା ନାହିଁ ।

ତୁମକୁ ଯେଉଁ ବିଚାର ଆସିବ ତାହା ଅନ୍ୟକୁ ଆସିବ ନାହିଁ, କାରଣ ପ୍ରତ୍ୟେକ ମନୁଷ୍ୟର ଗ୍ରନ୍ଥି ଅଲଗା ଅଲଗା ଅଟେ । କିଛି ମନୁଷ୍ୟଙ୍କର ମାଂସାହାରର ଗ୍ରନ୍ଥି ହିଁ ନଥାଏ, ତେଣୁ ସେମାନଙ୍କୁ ବିଚାର ମଧ୍ୟ ଆସେ ନାହିଁ ।

ତିନି ଜଣ କଲେଜିୟନ୍ ବାଳକ ଅଛନ୍ତି, ସେଥିରୁ ଜଣେ ଜୈନ, ଜଣେ ମୁସଲିମ୍ ଏବଂ ଜଣେ ବୈଷ୍ଣବ ଅଟେ । ତିନିହେଁ ସମବୟସ୍କ ଅଟନ୍ତି । ସେମାନଙ୍କ ମଧ୍ୟରେ ଫ୍ରେଣ୍ଡ୍‌ସିପ୍ ଅଛି । ଯିଏ ଜୈନ ଅଟେ, ତା'କୁ ମାଂସାହାର କରିବାର ବିଚାର ବିଲକୁଲ ବି ଆସେ ନାହିଁ । ସେ କ'ଣ କହେ, 'ଏହା ମୋତେ ପସନ୍ଦ ନୁହେଁ, ମୁଁ ତ ତାହା ଦେଖିବାକୁ ମଧ୍ୟ ଚାହେଁ ନାହିଁ ।' ଆଉ ଜଣକ, ଯିଏ ବୈଷ୍ଣବ ଅଟେ, ସେ କ'ଣ କହେ ଯେ, 'ମୋତେ କେବେ କେବେ ମାଂସାହାର ଖାଇବାର ବିଚାର ଆସେ, କିନ୍ତୁ ମୁଁ କେବେ ଖାଇ ନାହିଁ ।' ତୃତୀୟ, ଯିଏ ମୁସଲିମ୍ ଅଟେ ସେ କହେ, 'ମୋତେ ତ ମାଂସାହାରର ବହୁତ ବିଚାର ଆସେ । ମୋତେ ତ ନନ୍-ଭେଜିଟେରିୟନ୍ ବହୁତ ପସନ୍ଦ, ମୋତେ ସବୁଦିନ ହୋଟେଲକୁ ଯାଇ ସେହି ଭୋଜନ ଦରକାର ।'

ଏହାର କାରଣ କ'ଣ ? ମୁସଲିମ୍‌କୁ ମାଂସାହାରର ବହୁତ ବିଚାର ଆସେ, ବୈଷ୍ଣବକୁ କମ୍ ବିଚାର ଆସେ ଏବଂ ଜୈନକୁ ବିଲକୁଲ ବିଚାର ଆସେ ନାହିଁ । ଯିଏ

ଜୈନ ଅଟେ, ତା' ଭିତରେ ମାଂସାହାରର ଗ୍ରନ୍ଥି ହିଁ ନାହିଁ । ବୈଷ୍ଣବର ଏତିକି ଛୋଟ ଗ୍ରନ୍ଥି ଅଛି ଏବଂ ମୁସଲିମ୍‌ର ଏତେ ବଡ଼ ଗ୍ରନ୍ଥି । ଯେଉଁ ଗ୍ରନ୍ଥି ଅଛି, ସେହି ବିଚାର ଆସିବ, ଅଲଗା ବିଚାର ଆସିବ ନାହିଁ । ବିଚାର ତ ବହୁତ ପ୍ରକାରର ଅଟେ, କିନ୍ତୁ ତୁମ ଭିତରେ ଯେତିକି ଗ୍ରନ୍ଥି ଅଛି, ସେତିକି ହିଁ ବିଚାର ଆସିବ ।

ଗ୍ରନ୍ଥି କିପରି ପଡ଼େ(ହୁଏ) ? ଏବେ ଏହି ଜନ୍ମରେ ମାଂସାହାର ଖାଅ ନାହିଁ, କିନ୍ତୁ ତୁମେ କେଉଁ ମୁସଲିମ୍ ପିଲାର ସଙ୍ଗତରେ ଆସିଗଲ ଏବଂ ସେ ତୁମକୁ କହିଲା ଯେ 'ମାଂସାହାର କରିବାରେ ମଜା ଆସିବ', ତେବେ ଏହାଦ୍ୱାରା ତୁମର ଅଭିପ୍ରାୟ ହୋଇଗଲା ଯେ 'ଏହା ଠିକ୍, ସତକଥା ଅଟେ ।' ପୁଣି ତୁମେ ବି ମନରେ ଭାବନା କରିବ ଯେ 'ମାଂସାହାର ଖାଇବାରେ କୌଣସି ଅସୁବିଧା ନାହିଁ ।' ତେବେ ତାହାର ଗ୍ରନ୍ଥି ହୋଇଯାଏ ଏବଂ ଏହି ଗ୍ରନ୍ଥି ପୁଣି ମାଇଣ୍ଡକୁ ଚାଲିଯାଏ । ପୁଣି ଆସନ୍ତା ଜନ୍ମରେ ତୁମେ ମାଂସାହାର ଖାଇବ । ତୁମକୁ ବୁଝା ପଡୁଛି ? ଏଣୁ କେବେ ଏପରି ଫ୍ରେଣ୍ଡ୍‌ସର୍କଲ୍ କରିବ ନାହିଁ । ଯେଉଁ ଫ୍ରେଣ୍ଡ୍ ଭେଜିଟେରିୟନ୍ ହୋଇଥିବେ, ସେମାନଙ୍କୁ ହିଁ ସାଥିରେ ରଖିବ । କାହିଁକିନା ଗ୍ରନ୍ଥି ତୁମେ ବନାଇଛ । ମନକୁ ଭଗବାନ ବନାଇ ନାହାନ୍ତି । ମନକୁ ତୁମେ ହିଁ ବନାଇଛ ।

ମନ, ତାହା ଡିସ୍‌ଚାର୍ଜ ହେଉଅଛି । ଯାହା ଚାର୍ଜ ହୋଇଯାଇଥିଲା, ତାହା ହିଁ ଡିସ୍‌ଚାର୍ଜ ହୁଏ । ସେହି ଡିସ୍‌ଚାର୍ଜ ତ କିଭଳି ମଧ୍ୟ ହୋଇପାରେ । କିନ୍ତୁ ଯେଉଁ ପ୍ରକାରର ଭାବଦ୍ୱାରା ଚାର୍ଜ ହୋଇଛି, ସେହି ପ୍ରକାରର ଭାବସହ ଡିସ୍‌ଚାର୍ଜ ହେଉଅଛି । ଆଉ କିଛି ନୁହେଁ ।

'ଜ୍ଞାନୀପୁରୁଷ'ଙ୍କୁ ନିର୍ଗ୍ରନ୍ଥ କୁହାଯାଏ । ନିର୍ଗ୍ରନ୍ଥର ଅର୍ଥ କ'ଣ ? ଯେ ମୋର ମାଇଣ୍ଡ ଏକ ସେକେଣ୍ଡ ମଧ୍ୟ କେଉଁଠି ଠିଆ ହୁଏ ନାହିଁ (ଅଟକେ ନାହିଁ) । ତୁମ ମାଇଣ୍ଡ କିପରି ? ପନ୍ଦର-ପନ୍ଦର ମିନଟ, ଅଧା-ଅଧା ଘଣ୍ଟା ପର୍ଯ୍ୟନ୍ତ ସେଇଠି ହିଁ ଘୂରି ବୁଲୁଥାଏ । ଯେମିତି ମାଛି ଗୁଡ଼ ପଛରେ ବୁଲୁଥାଏ, ସେହିପରି ତୁମ ମାଇଣ୍ଡ ବୁଲେ, କାରଣ ତୁମେ ଗ୍ରନ୍ଥିବାଲା ଅଟ । ମୋର ଏପରି ମାଇଣ୍ଡ ନୁହେଁ । ମୋ ମାଇଣ୍ଡ କିପରି ? ଯେପରି ଫିଲ୍ମ ଚାଲେ, ସେହିପରି । ତାହାକୁ ଫିଲ୍ମ ପରି ମୁଁ ଦେଖେ ଯେ କିଭଳି ଫିଲ୍ମ ଚାଲିଛି !

ଜଣେ ନାଗର(ଏକ ପ୍ରକାର ବ୍ରାହ୍ମଣ) ମୋ ପାଖକୁ ଦର୍ଶନ କରିବାକୁ ଆସୁଥିଲା । ସେ ଲୋଭୀ ବ୍ୟକ୍ତି ଥିଲା । ତା'ର ବୟସ ମଧ୍ୟ ବହୁତ ହୋଇଯାଇଥିଲା । ତା'କୁ ମୁଁ କହିଦେଲି ଯେ ତୁମେ ପ୍ରତିଦିନ ରିକ୍ସାରେ ଆସ ଏବଂ ରିକ୍ସାରେ ଯାଅ । କାହିଁକି ହଇରାଣ ହୋଇ ଆସୁଛ ? ପଇସା ସବୁ ପୁଣି କ'ଣ କରିବ ? ପୁଅ ମଧ୍ୟ ରୋଜଗାର କରୁଛି । ସେ

କହିବାକୁ ଲାଗିଲା ଯେ 'କ'ଣ କରିବି, ମୋ ସ୍ୱଭାବ ଏପରି ଲୋଭୀ ହୋଇ ଯାଇଛି । ସବୁ ଲୋକ ଖାଇବା ପାଇଁ ବସନ୍ତି ଏବଂ ମୁଁ ସମସ୍ତଙ୍କୁ ଲଡୁ ବାଣ୍ଟିବା ପାଇଁ ଯାଉଥିଲି ତେବେ ସମସ୍ତଙ୍କୁ ଅଧା-ଅଧା ବାଣ୍ଟୁଥିଲି । ଆମ ଘରର ଲଡୁ ନୁହେଁ, ତଥାପି ଲଡୁକୁ ଭାଙ୍ଗି ଅଧା-ଅଧା ଦେଉଥିଲି, ମୋ ସ୍ୱଭାବ ହିଁ ଏପରି ।' ତେବେ ମୁଁ ତା'କୁ କହିଲି ଯେ 'ଏହି ଲୋଭରୁ ତ ତୁମକୁ ବହୁତ ଦୁଃଖ ହେବ । ତାହା ଲୋଭର ଗ୍ରନ୍ଥି ହୋଇଯାଇଛି ।' ତାହାକୁ ଭାଙ୍ଗିବାର ଉପାୟ ବତାଇଲି ଯେ 'ପନ୍ଦର-କୋଡ଼ିଏ ଟଙ୍କାର ଖୁଚୁରା ପଇସା ଧର ଏବଂ ଏଠାକୁ ରିକ୍ସାରେ ଆସ । ପୁଣି ରାସ୍ତାରେ ଆସିବା ସମୟରେ କିଛି-କିଛି ପଇସା ରାସ୍ତାରେ ଫିଙ୍ଗି-ଫିଙ୍ଗି ଆସ ।' ତେବେ ସେ ଦିନେ ଏପରି କଲା । ତା'କୁ ବହୁତ ଆନନ୍ଦ ହେଲା । ଏପରି ଆନନ୍ଦର ରାସ୍ତା ମୁଁ ବତାଇଦେଲି । ଏହି ପଇସା ଫିଙ୍ଗି ଦେଲ ତେବେ କ'ଣ ତାହା ସମୁଦ୍ରକୁ ଚାଲିଗଲା ? ନା, ରାସ୍ତାରୁ ସମସ୍ତେ ନେଇଯିବେ । ଏଠି ରାସ୍ତାରେ ପଇସା ରହେ ହିଁ ନାହିଁ । ତୁମକୁ ଏଥିରେ କ'ଣ ଫାଇଦା ହୁଏ ଯେ, ଆମର ଯେଉଁ ମାଇଣ୍ଡ ଅଛି, ସେ ମାଇଣ୍ଡକୁ ବୁଝା ପଡ଼ିଯିବ ଯେ ଏବେ ମୋର କିଛି ଚାଲିବ ନାହିଁ । ପୁଣି ଲୋଭର ଗ୍ରନ୍ଥି ଭାଙ୍ଗିଯିବ । ଏପରି ପନ୍ଦର-କୋଡ଼ିଏ ଦିନ ପର୍ଯ୍ୟନ୍ତ ଯଦି ପଇସା ଫିଙ୍ଗିବ ତେବେ ବହୁତ ଆନନ୍ଦ ବଢ଼େ ଏବଂ ମନ ପୁଣି ହାତ ମାରିବ ହିଁ ନାହିଁ । ମନ ବୁଝିଯିବ ଯେ ଇଏ ତ ମୋର କିଛି ମାନୁ ହିଁ ନାହିଁ । ମନ ଖୋଲା ହୋଇଯାଏ ।

କେତେ ଜନ୍ମରୁ ତୁମର ମାଇଣ୍ଡ ଅଛି ?

**ପ୍ରଶ୍ନକର୍ତ୍ତା :** ତାହା ଜଣା ନାହିଁ । ଏ ମାଇଣ୍ଡ କିପରି ଜନ୍ମ ହୁଏ ?

**ଦାଦାଶ୍ରୀ :** ସାରା ଦୁନିଆ ମାଇଣ୍ଡକୁ ଡରେ । ସେ ମାଇଣ୍ଡ କ'ଣ, ତାହା ବୁଝିବା ଉଚିତ୍ । ମାଇଣ୍ଡ ଅନ୍ୟ କିଛି ନୁହେଁ, ତାହା ପୂର୍ବଜନ୍ମର ଓପିନିୟନ୍ (ଅଭିପ୍ରାୟ) ଅଟେ । ପୂର୍ବ ଗୋଟିଏ ହିଁ ଜନ୍ମର ଓପିନିୟନ୍ ଅଟେ । ଆଜିର ତୁମର ଯେଉଁ ଓପିନିୟନ୍, ତାହା ଆଜିର ଜ୍ଞାନଦ୍ୱାରା ହୁଏ । ତୁମେ ଯେଉଁ ଜ୍ଞାନ ଶୁଣିଛ, ଯେଉଁ ଜ୍ଞାନ ପଢ଼ିଛ, ତାହାଦ୍ୱାରା ଆଜିର ଓପିନିୟନ୍ ହୁଏ । ପୂର୍ବଜନ୍ମରେ ଯେଉଁ ଜ୍ଞାନ ଥିଲା, ତାହାଦ୍ୱାରା ଯେଉଁ ଓପିନିୟନ୍ ଥିଲା, ସେ ସବୁ ଓପିନିୟନ୍ ଆଜିର ଏହି ମାଇଣ୍ଡ କହେ । ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଝଗଡ଼ା ଚାଲି ରହିଥାଏ । ଏହିପରି, ମାଇଣ୍ଡ ଦ୍ୱାରା ସାରା ଦୁନିଆ ପରବଶ(ପରାଧୀନ) ହୋଇ ଯାଇଛି ଏବଂ ଦୁଃଖୀ-ଦୁଃଖୀ ହୋଇ ଯାଇଛି ।

ଜଣେ ବ୍ୟକ୍ତିସହ ତା' ପତ୍ନୀ ପ୍ରତିଦିନ ଝଗଡ଼ା କରେ ଯେ ତୁମର ସବୁ ଫ୍ରେଣ୍ଡ୍ସର୍କଲ୍ ବଡ଼ ବଡ଼ ବଙ୍ଗଳା ବନାଇ ଦେଲେ । ତୁମେ ଏତେ ବଡ଼ ଅଫିସର ହୋଇ କିଛି କଲ

ନାହିଁ । ତୁମେ କାହିଁକି ଲାଞ୍ଚ ନେଉ ନାହଁ ? ତୁମକୁ ଲାଞ୍ଚ ନେବା ଉଚିତ । ଏପରି ପ୍ରତିଦିନ କହିବାକୁ ଲାଗିଲା, ପୁଣି ତା'କୁ ମଧ୍ୟ ଏପରି ଲାଗିଲା ଯେ 'ଲାଞ୍ଚ ତ ନେବା ଉଚିତ ।' ପୁଣି ସେ ଅଫିସକୁ ସ୍ଥିର କରି ଯାଏ, କିନ୍ତୁ ଲାଞ୍ଚ ନେବା ସମୟରେ ସେ ନେଇ ପାରିବ ନାହିଁ । କାରଣ ପୂର୍ବ ଓପିନିୟନ୍ ଅଛି, ଯାହା ତା'କୁ ନେବାକୁ ଦିଏ ନାହିଁ । ଆଜି ଏପରି ଓପିନିୟନ୍ ହୋଇଗଲା ଯେ 'ଲାଞ୍ଚ ନେବା ହିଁ ଉଚିତ, ଲାଞ୍ଚ ନେବା ଭଲ ।' ତେବେ ପୁଣି ଆସନ୍ତା ଜନ୍ମରେ ସେ ଲାଞ୍ଚ ନେବ । କେହି ବ୍ୟକ୍ତି ଲାଞ୍ଚ ନିଏ, କିନ୍ତୁ ଏହାର ତା'କୁ ବହୁତ ଦୁଃଖ ହୁଏ ଯେ 'ଲାଞ୍ଚ ନେବା ଉଚିତ ନୁହେଁ, ଏହା ଭଲ ନୁହେଁ, କିନ୍ତୁ ଏପରି କାହିଁକି ହୋଇଯାଉଛି ?' ତେବେ ସେ ଆସନ୍ତା ଜନ୍ମରେ ଲାଞ୍ଚ ନେବ ନାହିଁ । ଯିଏ ଲାଞ୍ଚ ନେଉଛି, ସେ ଏଡ଼ଭାନ୍ସ ହୁଏ ଆଉ ସେ ଯିଏ ଲାଞ୍ଚ ନିଏ ନାହିଁ, କିନ୍ତୁ ସେ ଅଧୋଗତିରେ ଯାଏ ।

## ମାଇଣ୍ଡର ଫାଦର୍-ମଦର୍ କିଏ ?

**ପ୍ରଶ୍ନକର୍ତ୍ତା :** ଅଭିପ୍ରାୟ ହିଁ ସବୁର ମୂଳ କି ?

**ଦାଦାଶ୍ରୀ :** ହଁ । ଅଭିପ୍ରାୟରୁ ହିଁ ଦୁନିଆ ଉତ୍ପନ୍ନ ହୋଇଯାଇଛି । ଅଭିପ୍ରାୟ ଯୋଗୁଁ, ଇଏ ଚୋର, ଇଏ ଅଯୋଗ୍ୟ, ଇଏ ବଦମାଶ, ଏପରି ହୁଏ । ଏହି ମାଇଣ୍ଡ ମଧ୍ୟ ଅଭିପ୍ରାୟରୁ ହୋଇଛି । ମାଇଣ୍ଡର ଫାଦର ଅଭିପ୍ରାୟ ଅଟେ । ମଦର ଅଲଗା ଜିନିଷ ଅଟେ, ତାହା ମୁଁ ପରେ ବତାଇବି । ମାଇଣ୍ଡର ଫାଦର୍-ମଦର୍ ବିଷୟରେ କେହି କହି ହିଁ ନାହାନ୍ତି ।

ମୋର କୌଣସି ଅଭିପ୍ରାୟ ହିଁ ନାହିଁ । କେହି ବ୍ୟକ୍ତି ମୋ ପକେଟରୁ ୨୦୦ଟଙ୍କା ନେଇଗଲା, ତାହା ମୁଁ ନିଜେ ଦେଖିଲି । ତଥାପି ସେ ବ୍ୟକ୍ତି ଯଦି ପରଦିନ ଏଠାକୁ ଆସେ ତେବେ ମୋତେ ଏପରି ଲାଗିବ ନାହିଁ ଯେ 'ଇଏ ଚୋର ଅଟେ' । ମୁଁ ପୂର୍ବାଗ୍ରହ ରଖେ ନାହିଁ । ତା'କୁ 'ଚୋର' କହିଲ ମାନେ ଭଗବାନଙ୍କ ଉପରେ ଆରୋପ ଆସିଯାଏ, କାରଣ ଭିତରେ ତ ଭଗବାନ ବସିଛନ୍ତି ।

**ପ୍ରଶ୍ନକର୍ତ୍ତା :** ଅଭିପ୍ରାୟ କିପରି ପଡ଼େ ?

**ଦାଦାଶ୍ରୀ :** ଅଭିପ୍ରାୟ ତ ତୁମର ରଙ୍ଗ ବିଲିଫ୍ ଅଛି ଯେ, 'ଏହି ବ୍ୟକ୍ତି ଚୋର ଅଟେ ।' ଏପରି କଥା ଶୁଣିଲ ଯେ, 'ଇଏ ଚୋର ଅଟେ', ତେବେ ତୁମେ ସତ ମାନିନେଲ ଏବଂ ଏହିପରି ଅଭିପ୍ରାୟ ପଡ଼ିଯାଏ । କାହାର ବି ଅଭିପ୍ରାୟ ରଖ ନାହିଁ । ଇଏ

ଦାନେଶ୍ୱରୀ ଅଟେ, ଇଏ ଭଲ ବ୍ୟକ୍ତି ଅଟେ, ତାହାର ମଧ୍ୟ ଅଭିପ୍ରାୟ ରଖ ନାହିଁ ।

**ପ୍ରଶ୍ନକର୍ତ୍ତା :** ମନକୁ କିପରି କଣ୍ଟ୍ରୋଲ୍ କରି ହେବ?

**ଦାଦାଶ୍ରୀ :** ମନକୁ କଣ୍ଟ୍ରୋଲ୍ କରିବାର ଆବଶ୍ୟକତା ହିଁ ନାହିଁ । ସମସ୍ତେ କ'ଣ କରନ୍ତି ? ଯାହାକୁ କଣ୍ଟ୍ରୋଲ୍ କରିବାର ନାହିଁ, ତା'କୁ କଣ୍ଟ୍ରୋଲ୍ କରିବାରେ ଲାଗିଥାନ୍ତି ଏବଂ ଯାହାକୁ କଣ୍ଟ୍ରୋଲ୍ କରିବାର ଅଛି, ତାହା ବୁଝନ୍ତି ହିଁ ନାହିଁ । ସେଥିରେ ମନ ବିଚରା କ'ଣ କରିବ ? !

ଜଣେ ଲେଖକ ମୋ ପାଖକୁ ଆସିଥିଲା । ମୋତେ କହିବାକୁ ଲାଗିଲା ଯେ, 'ମୋ ମନର ଅପରେଶନ୍ କରି ଦିଅନ୍ତୁ ।' ମୁଁ କହିଲି ଯେ, 'ଆଣ, ଏବେ କରି ଦେଉଛି । କିନ୍ତୁ ମୋତେ ୱିଟ୍‌ନେସ୍(ସାକ୍ଷୀ)ଙ୍କ ସିଗ୍ନେଚର୍(ଦସ୍ତଖତ) ଦରକାର ।' ସେ କହିଲା, ୱିଟ୍‌ନେସ୍ କ'ଣ ପାଇଁ ? ମୁଁ କହିଲି, 'ମନର ଅପରେଶନ୍ କରିଦେଲା ପରେ ଯଦି କିଛି ଅସୁବିଧା ହୋଇଯିବ ତେବେ ମୋ ବେକରେ ପଡ଼ିବ' ତେବେ ସେ କହିବାକୁ ଲାଗିଲା ଯେ 'ଆରେ, ଏଥିରେ କ'ଣ ଅସୁବିଧା ? ମନ ଚାଲିଗଲା ପୁଣି କେତେ ଆନନ୍ଦ, ପୁଣି କେତେ ମଉଜ-ମଜା କରିବି ।' ମୁଁ କହିଲି, 'ନା ଭାଇ, ମୁଁ ତୁମକୁ ପ୍ରଥମରୁ ହିଁ ବତାଇ ଦେଉଛି ଯେ ମନର ଅପରେଶନ୍ ଯଦି କରିଦେବି, ତେବେ ତ ତୁମେ ଏବ୍ସେଣ୍ଟ୍ ମାଇଣ୍ଡେଡ୍(absent minded) ହୋଇଯିବ । ତେବେ ତୁମକୁ ଚଳିବ ?' ତେବେ କହିବାକୁ ଲାଗେ, 'ନା, ମୋତେ ଏବ୍ସେଣ୍ଟ୍ ମାଇଣ୍ଡେଡ୍ ହେବାର ନାହିଁ ।' ସେ କଥା ବୁଝିଗଲା । ମୁଁ କ'ଣ କହୁଛି ଯେ 'ମନକୁ ମାରିବାର କୌଣସି ଆବଶ୍ୟକତା ନାହିଁ ।' ମନକୁ କିଛି ହଇରାଣ କର ନାହିଁ । ମନକୁ ଆଦୌ ହଲାଅ ନାହିଁ । ମନକୁ କେଉଁଠି ହଲାଇବାର ଆବଶ୍ୟକତା ପଡ଼େ ଯେ ଯେଉଁଠି ବ୍ୟଗ୍ରତା ହୁଏ, ସେଠି ଏକାଗ୍ରତା ପାଇଁ ପ୍ରୟାସ କରିବା ଉଚିତ୍ । ଯାହାକୁ ବ୍ୟଗ୍ରତା ନାହିଁ, କୌଣସି ମଜୁରିଆକୁ ବ୍ୟଗ୍ରତା ନଥାଏ, ତା'କୁ କେବେ ବି ଏକାଗ୍ରତା କରିବାର ଆବଶ୍ୟକତା ନାହିଁ ।

ସୋଲ୍ (ଆତ୍ମା)ର ମରଣ ହୁଏ ହିଁ ନାହିଁ, ରିଲେଟିଭ୍‌ର ନାଶ ହୁଏ । ମାଇଣ୍ଡ୍ ରିଏଲ୍ ଅଟେ ନା ରିଲେଟିଭ୍ ?

**ପ୍ରଶ୍ନକର୍ତ୍ତା :** ମାଇଣ୍ଡ ୱିଥ୍ ବଡୀ, ତାହା ରିଲେଟିଭ୍ ଅଟେ ଏବଂ ମାଇଣ୍ଡ୍ ୱିଥ୍ ସୋଲ୍, ତାହା ରିୟଲ୍ ଅଟେ ।

**ଦାଦାଶ୍ରୀ :** ଉଭୟ କଥା ଠିକ । ମାଇଣ୍ଡ ୱିଥ୍ ବଡୀକୁ ମୁଁ ଦ୍ରବ୍ୟମନ କହିଛି ଏବଂ

ମାଇଣ୍ଡ ୱିଥ୍ ସୋଲ୍‌କୁ ମୁଁ ଭାବମନ କହିଛି । ମୁଁ ମାଇଣ୍ଡ ୱିଥ୍ ସୋଲ୍‌ର ଅପରେଶନ୍ କରି ବାହାର କରିଦିଏ । ଯେଉଁ ସୋଲ୍ ସହିତ ମାଇଣ୍ଡ୍ ଅଛି, ତା'ର ଫାଦର୍ ଏବଂ ମଦର୍‌ର ନାମ କ'ଣ ? ଓପିନିୟନ୍ ଇଜ୍ ଦ ଫାଦର୍ ଆଣ୍ଡ ଲାଙ୍ଗୁଏଜ୍ ଇଜ୍ ଦ ମଦର୍ ଅଫ୍ ମାଇଣ୍ଡ୍ ।

**ପ୍ରଶ୍ନକର୍ତ୍ତା :** ଦେନ୍ ହୁ ଇଜ୍ ଦ ଫାଦର୍ ଏଣ୍ଡ୍ ମଦର୍ ଅଫ୍ ସୋଲ୍ ?

**ଦାଦାଶ୍ରୀ :** ନୋ ଫାଦର୍, ନୋ ମଦର୍, ନୋ ବର୍ଥ, ନୋ ଡେଥ୍ ଅଫ୍ ସୋଲ୍ । ହ୍ୱେୟର୍ ଦେୟର୍ ଇଜ୍ ଡେଥ୍ ଏଣ୍ଡ୍ ବର୍ଥ, ଦେନ୍ ଦେୟର୍ ଇଜ୍ ଫାଦର୍ ଏଣ୍ଡ୍ ମଦର୍ । ମନକୁ ଯଦି ବନ୍ଦ କରିଦେବାର ଅଛି ତେବେ ଓପିନିୟନ୍ ରଖ ନାହିଁ, ତେବେ ମାଇଣ୍ଡ୍ ନାଶ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ଆପଣ ଯେପରି କହୁଛନ୍ତି, ସେହିପରି ଯଦି ମାଇଣ୍ଡ ସମାପ୍ତ କରିଦେବୁ ତେବେ ଆମକୁ ଗାଇଡ୍ କରିବା ପାଇଁ କିଏ ମାର୍ଗଦର୍ଶନ ଦେବ ? ମାଇଣ୍ଡ ନଥିବ, ତେବେ ମାର୍ଗଦର୍ଶନ କିଏ ଦେବ ? ଗାଇଡ୍ କରିବା ପାଇଁ ମାଇଣ୍ଡ ତ ଦରକାର ନା ?

**ଦାଦାଶ୍ରୀ :** ମାଇଣ୍ଡ ୱିଥ୍ ସୋଲ୍ ଶେଷ ହୋଇଗଲା, ପରେ ମାଇଣ୍ଡ ୱିଥ୍ ବଡୀ ରହେ । ପରେ କେବଳ ଡିସ୍‌ଚାର୍ଜ ହିଁ ରହେ, ନୂଆ ଚାର୍ଜ ହୁଏ ନାହିଁ । ଏ ବଡୀ ସହିତ ଯେଉଁ ମାଇଣ୍ଡ ଅଛି, ତାହା ତ ସ୍ଥୁଳ ଅଟେ । ସେ କେବଳ ଥିଙ୍କିଙ୍ଗ୍ ହିଁ କରେ ।

ଆମ୍ବ ଖାଇଲ ଏବଂ ଖଟା ଲାଗିଲା ତେବେ ଗୋଟେ ପଟେ ରଖି ଦିଅ । କିନ୍ତୁ 'ଏହା ଖଟା ଅଟେ', ଏପରି ଓପିନିୟନ୍ ଯଦି ଦେଲ ତେବେ ମାଇଣ୍ଡ୍‌ର ଜନ୍ମ ହୋଇଗଲା । ଆମ୍ବ ଯଦି ଭଲ ଥିବ ତେବେ ଖାଇଯାଅ, କିନ୍ତୁ ଓପିନିୟନ୍ ଦେବାର କ'ଣ ଆବଶ୍ୟକତା ? ହୋଟେଲ୍‌ବାଲା ତୁମକୁ ଚା' ଦେଲା, ଚା' ଯଦି ଭଲ ନ ଲାଗେ ତେବେ ରଖି ଦିଅ । ପଇସା ଦେଇ ଚାଲିଯାଅ । କିନ୍ତୁ ଓପିନିୟନ୍ ଦେବାର ଆବଶ୍ୟକତା କ'ଣ ?

**ପ୍ରଶ୍ନକର୍ତ୍ତା :** ସଂକଳ୍ପ ଏବଂ ବିକଳ୍ପ ଏହା କ'ଣ ମନର ସ୍ୱଭାବ ଅଟେ ?

**ଦାଦାଶ୍ରୀ :** ଯେଉଁ ପର୍ଯ୍ୟନ୍ତ ଭ୍ରାନ୍ତି ଅଛି, ସେପର୍ଯ୍ୟନ୍ତ ନିଜର ସ୍ୱଭାବ ଅଟେ । ମନ ତ ତା' ଧର୍ମରେ ହିଁ ଅଛି, ନିରନ୍ତର ବିଚାର ହିଁ କରେ । କିନ୍ତୁ ଭ୍ରାନ୍ତିରେ ମନୁଷ୍ୟ କହେ ଯେ 'ମୋତେ ଏପରି ବିଚାର ଆସୁଛି ।' ବିଚାର ତ ମନର ଆଇଟମ୍ (ଜିନିଷ) ଅଟେ, ମନର ସ୍ୱତନ୍ତ୍ର ଧର୍ମ ହିଁ ଅଟେ । କିନ୍ତୁ ଆମେ ଅନ୍ୟର ଧର୍ମ (ମୁଣ୍ଡକୁ) ନେଇ ଯାଉଛେ । ଏହାଦ୍ୱାରା ସଂକଳ୍ପ-ବିକଳ୍ପ ହୋଇଯାଏ । ମୁଁ ନିର୍ବିକଳ୍ପ ହିଁ ରହେ । ମନରେ କିଛି ବି ବିଚାର

ଆସିଲା ତେବେ ସେଥିରେ ମୁଁ ତନ୍ମୟାକାର ହୁଏ ନାହିଁ । ପୁରା ଓ୍ୱାର୍ଲଡ୍, ମନରେ ଯଦି ଭଲ ବିଚାର ଆସେ ତେବେ ତନ୍ମୟାକାର ହୋଇଯାଏ ଏବଂ ଯଦି ଖରାପ ବିଚାର ଆସେ ତେବେ କ'ଣ କହେ ? ମୋତେ ଖରାପ ବିଚାର ଆସୁଛି ଏବଂ ପୁଣି ସେ ଖରାପ ବିଚାରରୁ ଅଲଗା ରହେ ।

**ପ୍ରଶ୍ନକର୍ତ୍ତା :** ମୁଁ ମାଇଣ୍ଡ ବିଷୟରେ ଯାହା ବୁଝିଛି ତାହା ହେଉଛି ଏହା ଯେ ମାଇଣ୍ଡର ଅଲଗା ବି ବହୁତ ବିଭାଗ ଅଛି, ଯେପରିକି ଇମାଜିନେଶନ୍, କଳ୍ପନା, ସ୍ୱପ୍ନ, ସଂକଳ୍ପ-ବିକଳ୍ପ ।

**ଦାଦାଶ୍ରୀ :** ନା, ତାହା ମାଇଣ୍ଡର ବିଭାଗ ନୁହେଁ । ମାଇଣ୍ଡ ତ କ'ଣ ଯେ ଯେତେବେଳେ ବିଚାର ଦଶା ଚାଲିଥାଏ ସେତେବେଳେ ତାହା ମାଇଣ୍ଡ ଅଟେ । ଅନ୍ୟ କୌଣସି ବି ଦଶାରେ ତାହା ମାଇଣ୍ଡ ନୁହେଁ ।

**ପ୍ରଶ୍ନକର୍ତ୍ତା :** ମାଇଣ୍ଡରେ ସଂକଳ୍ପ-ବିକଳ୍ପ ଆସେ, ତାହା କ'ଣ ?

**ଦାଦାଶ୍ରୀ :** ତାହା ସଂକଳ୍ପ-ବିକଳ୍ପ ନୁହେଁ, ତାହା ମାଇଣ୍ଡ ହିଁ ଅଟେ । ମାଇଣ୍ଡ ଅଛି, ସେ ବିଚାର କରେ ।

ଆମ ଲୋକେ କ'ଣ କହନ୍ତି ଯେ କୁସଙ୍ଗ ବଦଳରେ ସତ୍‌ସଙ୍ଗରେ ଆସିଯାଅ । ତେବେ ସତ୍‌ସଙ୍ଗରେ ଆସିଯିବା ଦ୍ୱାରା କ'ଣ ହୁଏ ନା ଅଭିପ୍ରାୟ ବଦଳିଯାଏ । ଏମିତି ହିଁ ବଦଳିଯାଏ, ତେବେ ତାଙ୍କ ଲାଇଫ୍ ଭଲ ହୋଇଯାଏ । କିନ୍ତୁ ଯାହାକୁ ସତ୍‌ସଙ୍ଗ ମିଳିନାହିଁ ସେ କ'ଣ କରିବ ? ତେବେ ମୁଁ ତା'କୁ ଅନ୍ୟ ଉପାୟ ବତାଏ ଯେ 'ଭାଇ, ଅଭିପ୍ରାୟ ବଦଳାଇ ଦିଅ, କୁସଙ୍ଗରେ ବସି ମଧ୍ୟ ଅଭିପ୍ରାୟ ବଦଳାଇ ଦିଅ ।'

ଯେବେ ବି ବିଚାର କରନ୍ତି, ସେହି ସମୟରେ ତାହା ମାଇଣ୍ଡ ଅଟେ । ଅନ୍ୟ ସମୟରେ ତାହା ମାଇଣ୍ଡ ନୁହେଁ । ଯେବେ ଜିଲାପି ଖାଇବାର ବିଚାର ଆସିଲା ତେବେ ପୁଣି ସେହି ବିଚାର ଅହଙ୍କାରକୁ ପସନ୍ଦ ଆସିଲା ଯେ, 'ହଁ, ବହୁତ ଭଲ ବିଚାର ଅଟେ, ଜିଲାପି ମଗାଅ ।' ଏଥିରେ ମାଇଣ୍ଡ କିଛି କରେ ନାହିଁ । ଏହା ଅହଙ୍କାର ଅଟେ, ସେ ଯୋନିରେ ବୀଜ ବୁଣେ । କ'ଣ କରେ ?

**ପ୍ରଶ୍ନକର୍ତ୍ତା :** ସଂକଳ୍ପର ବୀଜ ବୁଣେ ।

**ଦାଦାଶ୍ରୀ :** ହଁ, ଆଉ ବିକଳ୍ପ କ'ଣ କରେ ? କେହି ଯଦି ପଚାରେ ଯେ ଏହି ଦୋକାନ ତୁମର ? ତେବେ କ'ଣ କହିବ ଯେ 'ହଁ, ମୁଁ ହିଁ ଏହାର ମାଲିକ ।' ତେବେ

ତାହା ବିକଳ୍ପ ଅଟେ । ବୁଝିଗଲ ନା ? ତେବେ ଇଏ(ଅହଙ୍କାର) ଯେବେ ଯୋନିରେ ବୀଜ ବୁଣେ, ସେତେବେଳେ ସଂକଳ୍ପ-ବିକଳ୍ପ କୁହାଯାଏ । ମାଇଣ୍ଡରେ ସଂକଳ୍ପ-ବିକଳ୍ପ ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ ବିଚାର ଏବଂ ଅଭିପ୍ରାୟ କ'ଣ ଗୋଟିଏ ହିଁ ଜିନିଷ ?

**ଦାଦାଶ୍ରୀ :** ନା, ଅଲଗା । ଅଭିପ୍ରାୟ କଜେଜ୍(କାରଣ) ଅଟେ ଏବଂ ବିଚାର ପରିଣାମ ଅଟେ ।

କେହି କହେ ଯେ 'ଇଏ କେତେ କଳା ଅଟେ ?' ତେବେ ସେ କହିବ ଯେ 'ମୁଁ ତ ଗୋରା ଅଟେ ।' ତେବେ ଏହା ବିକଳ୍ପ ଅଟେ । ଏହା ସବୁ ହଣ୍ଡ୍ରେଡ୍ ପରସେଣ୍ଟ୍ କରେକ୍ଟ କଥା ଅଟେ ।

**ପ୍ରଶ୍ନକର୍ତ୍ତା :** ମାଇଣ୍ଡରେ ସଂକଳ୍ପ-ବିକଳ୍ପ ନାହିଁ ?

**ଦାଦାଶ୍ରୀ :** ମାଇଣ୍ଡରେ ସଂକଳ୍ପ-ବିକଳ୍ପ ନାହିଁ । ମାଇଣ୍ଡ ଇଜ୍ ନ୍ୟୁଟ୍ରଲ୍, କମ୍ପ୍ଲିଟ୍ ନ୍ୟୁଟ୍ରଲ୍ ।

**ପ୍ରଶ୍ନକର୍ତ୍ତା :** ତେବେ କ'ଣ ଅହଙ୍କାର ହିଁ ସଂକଳ୍ପ-ବିକଳ୍ପ କରେ ?

**ଦାଦାଶ୍ରୀ :** ହଁ, ହଁ, ଅହଙ୍କାର ହିଁ ସଂକଳ୍ପ-ବିକଳ୍ପ କରେ ।

ହ୍ୱାଟ୍ ଇଜ୍ ମାଇଣ୍ଡ୍ ? ଏଣ୍ଡ୍ ହୁ ଇଜ୍ ଦ ଫାଦର୍ ଏଣ୍ଡ୍ ମଦର୍ ଅଫ୍ ମାଇଣ୍ଡ୍ ? ସବୁ ଲୋକ ମନକୁ ବଶ କରିବାର କଥା କହନ୍ତି କିନ୍ତୁ ମନ ବଶ ହୁଏ ହିଁ ନାହିଁ । ଆରେ, ସେ ବିଚରାକୁ କାହିଁକି ବଶ କରିବା ପାଇଁ ଯାଉଛ ? ତୁମେ ତୁମ ନିଜକୁ ବଶ କର ! ମୁଁ କ'ଣ କହୁଛି ଯେ କଣ୍ଟ୍ରୋଲ୍ ଦାଇସେଲ୍ଫ(thyself) ! ମନକୁ ବଶ କରିବାକୁ ଚାହୁଁଛ, ତେବେ ମନ କାହାର ପୁଅ ତାହା ସନ୍ଧାନ କରିଛ ? ସବୁ ଲୋକ କହନ୍ତି ଯେ ମନ ଭଗବାନ ଦେଇଛନ୍ତି । କିନ୍ତୁ ଭଗବାନ ଏପରି ମାଇଣ୍ଡ କାହିଁକି ଦେଇଛନ୍ତି ? ଆରେ, ଭଗବାନଙ୍କୁ କାହିଁକି ଗାଳି ଦେଉଛ ? ଭଗବାନ ମାଇଣ୍ଡ କେଉଁଠୁ ଆଣିଲେ ? ଭଗବାନଙ୍କର ଯଦି ମାଇଣ୍ଡ ଥାଆନ୍ତା ତେବେ ଭଗବାନଙ୍କୁ ମଧ୍ୟ ମାଇଣ୍ଡ ହଇରାଣ କରିଥାନ୍ତା । କିନ୍ତୁ ମାଇଣ୍ଡ ହଇରାଣ କରେ ନାହିଁ । ମାଇଣ୍ଡକୁ କାହିଁକି କଣ୍ଟ୍ରୋଲ୍ କରୁଛ ? କଣ୍ଟ୍ରୋଲ ଦାଇସେଲ୍ଫ ! ମାଇଣ୍ଡର ଫାଦର କିଏ ? ଓପିନିୟନ୍ ଇଜ୍ ଦ ଫାଦର୍ ଏଣ୍ଡ୍ ମାଇଣ୍ଡର ମଦର କିଏ ? ଲାଙ୍ଗୁଏଜ୍ ଇଜ୍ ଦ ମଦର୍ ! ଖ୍ରୀଷ୍ଟିୟନ୍ ମନ ପାଇଁ ଖ୍ରୀଷ୍ଟିୟନ ମଦର୍ ଏବଂ ଇଣ୍ଡିୟନ୍ ମାଇଣ୍ଡ ପାଇଁ ଇଣ୍ଡିୟନ୍ ମଦର ଦରକାର । ମଦର୍ସ ଆର୍ ସେପାରେଟ୍ ! ଓପିନିୟନ୍ ଇଜ୍

ଦ ଫାଦର୍ କମନ୍ ଟୁ ଅଲ୍! ଖ୍ରୀଷ୍ଟିୟନ୍ ଲାଙ୍ଗୁଏଜ୍ ଏଣ୍ଡ୍ ଓପିନିୟନ୍, ତାହା ଖ୍ରୀଷ୍ଟିୟନ୍ ମାଇଣ୍ଡ ଅଟେ ।

**ପ୍ରଶ୍ନକର୍ତ୍ତା :** ଆପଣ ଗ୍ରାଜୁଏଟ୍ ହୋଇଛନ୍ତି ? ଆପଣଙ୍କର ତ ବହୁତ ହାଏ(high) ଲାଙ୍ଗୁଏଜ୍ ।

**ଦାଦାଶ୍ରୀ :** ନା ଭାଇ, ମୁଁ ତ ମାଟ୍ରିକ ଫେଲ୍ ।

ମାଇଣ୍ଡର ସଲ୍ୟୁଶନ୍ ଏହି ୱ୍ୱାର୍ଲଡ୍‌ରେ କେହି ଦେଇ ନାହାନ୍ତି, ତେବେ ମୁଁ ସଲ୍ୟୁଶନ୍ ଦେଉଛି । ମାଇଣ୍ଡ କିଭଳି ଅଟେ ? ହୁ ଇଜ୍ ଦ ଫାଦର୍ ଏଣ୍ଡ୍ ମଦର୍ ଅଫ୍ ମାଇଣ୍ଡ୍ ? ମାଇଣ୍ଡ କେଉଁଠୁ ଜନ୍ମ ହେଲା ? ଫାଦର୍, ମଦର୍‌କୁ ବୁଝିଗଲ, ତେବେ ମାଇଣ୍ଡ ଚାଲିଯାଏ । ଦୁହିଁଙ୍କ ମଧ୍ୟରୁ ଜଣେ ମରିଗଲା ତେବେ ମାଇଣ୍ଡ କିପରି ରହିବ ?

ଏକ ପୁସ୍ତକ ଲେଖିହେବ ସେତେ କଥା, ଗୋଟିଏ ବାକ୍ୟରେ ମୁଁ କହୁଛି ଯେ ଓପିନିୟନ୍ ଇଜ୍ ଦ ଫାଦର୍ ଏଣ୍ଡ୍ ଲାଙ୍ଗୁଏଜ୍ ଇଜ୍ ଦ ମଦର୍ ଅଫ୍ ମାଇଣ୍ଡ୍ ! ମହାରାଷ୍ଟ୍ରିୟନ୍ ଲାଙ୍ଗୁଏଜ୍ ଅଟେ ତେବେ ମହାରାଷ୍ଟ୍ରିୟନ୍ ମାଇଣ୍ଡ୍ । ଇଙ୍ଗ୍‌ଲିଶ୍ ଲାଙ୍ଗୁଏଜ୍ ଅଟେ ତେବେ ଇଙ୍ଗ୍‌ଲିଶ୍ ମାଇଣ୍ଡ୍ । ତୁମକୁ ଅଳ୍ପ କିଛି ବୁଝା ପଡୁଛି ?

ମୋର କାହା ପାଇଁ ଓପିନିୟନ୍ ହିଁ ନାହିଁ । ମୁଁ ଦୁଇଟି ଜିନିଷ ଦେଖେ, ଯାହା ରିୟଲ ଅଟେ ସେ ନିଜେ ଭଗବାନ ଅଟେ ଆଉ ରିଲେଟିଭ, ତା'ଙ୍କୁ ମୁଁ ନିର୍ଦ୍ଦୋଷ ଦେଖେ । ପୁଣି ଓପିନିୟନ୍ କିପରି ରହିବ ? ଓପିନିୟନ୍‌ବାଲାକୁ ଦୋଷୀ ହିଁ ଦେଖାଯିବ । ସତକଥା କ'ଣ ଯେ ଜଗତ ନିର୍ଦ୍ଦୋଷ ହିଁ ଅଟେ । ଆଖିରେ ଦେଖୁଛେ ସେ କଥା ସବୁ ସତ ନୁହେଁ । ଏହା ସବୁ ଭ୍ରାନ୍ତି ଅଟେ । ବାସ୍ତବରେ ଏହି ୱ୍ୱାର୍ଲଡ୍‌ରେ କେହି ବି ଦୋଷୀ ନୁହଁନ୍ତି । କିନ୍ତୁ ତୁମେ ଦୋଷୀ ଦେଖୁଛ, ତାହା ତୁମକୁ ନିଜକୁ ହିଁ କ୍ଷତି କରେ । ମୋତେ ଯଦି କେହି ଗାଳି ଦିଏ ତେବେ ମୋତେ ସେ ଦୋଷୀ ଦେଖାଯାଏ ନାହିଁ ।

**ପ୍ରଶ୍ନକର୍ତ୍ତା :** ଏପରି ଦୃଷ୍ଟି ଯଦି ଖୋଲିଯାଏ, ତେବେ ପୁଣି ଦୁନିଆରେ କୌଣସି ବନ୍ଧନ ହିଁ ରୁହନ୍ତା ନାହିଁ ? !

**ଦାଦାଶ୍ରୀ :** ଆରେ, ପରେ ତ ମାଇଣ୍ଡ ବି ରହେ ନାହିଁ ।

ଲାଙ୍ଗୁଏଜ୍ ସର୍ବଦା ଓପିନିୟନ୍ ସହିତ ଥାଏ । ଯେବେ ଓପିନିୟନ୍ କହିବ, ସେତେବେଳେ ଲାଙ୍ଗୁଏଜ୍ କହିବାକୁ ହିଁ ପଡ଼େ । ଓପିନିୟନ୍ ବନ୍ଦ ହୋଇଯିବ ତେବେ ମାଇଣ୍ଡ ଖତମ ହୋଇଯିବ, ଏପରି ତୁମକୁ ବୁଝା ପଡୁଛି ?

ଜଣେ ଜୈନ ପୁଅ ଅଛି, ତା'କୁ ଯଦି ତୁମେ ପଚାରିବ ଯେ 'ତୋତେ ମାଂସାହାରର ବିଚାର ଆସେ ?' ତେବେ ସେ କହିବ, 'କେବେ ଆସି ହିଁ ନାହିଁ ।' ଆଉ କୌଣସି ମୁସଲମାନକୁ ଯଦି ପଚାରିବ ତେବେ ସେ କହିବ, 'ମୋର ପ୍ରତ୍ୟେକ ଦିନ ଖାଇବାରେ ତାହା ହିଁ ଥାଏ ।' ସେ ଜୈନ ଜଣକ ପୂର୍ବଜନ୍ମରେ ମାଂସାହାରର ଓପିନିୟନ୍ ରଖି ନଥିଲା, ସେଥିପାଇଁ ତା'ର ମାଇଣ୍ଡ ହେଲା ନାହିଁ । ମୁସଲମାନ ଜଣକ ମାଂସାହାରର ଓପନିୟନ୍ ରଖିଲା ତେବେ ତା'ର ମାଇଣ୍ଡ ହୋଇଗଲା । ଏହି ଜନ୍ମରେ ଯଦି ସେ ଓପିନିୟନ୍ ବାହାର କରିଦିଏ, ତେବେ ଆସନ୍ତା ଜନ୍ମରେ ମାଇଣ୍ଡ ସଫା ହୋଇଯାଏ ।

ତୁମର ଯଦି ଓପିନିୟନ୍ ଅଛି ଯେ ୟାକୁ ମାରିବା ହିଁ ଦରକାର, ତେବେ ମାଇଣ୍ଡ ଆସନ୍ତା ଜନ୍ମରେ କ'ଣ କହିବ ? 'ମାର ଶଳା କୁ' ଏପରି କହିବ । ଯେଉଁ ଓପିନିୟନ୍ ଥିଲା, ତାହାର ପୁଅ ଏବଂ ଝିଅ ହୋଇଗଲେ, ସେମାନେ ସବୁ କହିବେ ଯେ ମାର, ମାର । ପୁଣି ତୁମେ କହିବ ଯେ ମୋ ମାଇଣ୍ଡ ମୋ ବଶରେ କାହିଁକି ରହୁନାହିଁ । ଆରେ, କିପରି ବଶ ହେବ? ନିଜ ଆଧାରରୁ ତ ମାଇଣ୍ଡ ହୋଇଯାଇଛି । ମୋ ସ୍ୱିଚ୍ ତୁମକୁ ବୁଝାପଡୁଛି ?

**ପ୍ରଶ୍ନକର୍ତ୍ତା :** ଏବେ ଯେଉଁ ଅଭିପ୍ରାୟ ଦେଉଛୁ, ତାହାର ପରିଣାମ ଆସନ୍ତା ଜନ୍ମରେ ଆସିବ, କିନ୍ତୁ ପୂର୍ବେ ଯେଉଁ ଅଭିପ୍ରାୟ ଦେଇଛୁ ତାହାର କ'ଣ ?

**ଦାଦାଶ୍ରୀ :** ତାହାର ହିଁ ଫଳ ସ୍ୱରୂପ ହେଉଛି ଏହି ମାଇଣ୍ଡ । ଏହି ମାଇଣ୍ଡ, ଏଥିରୁ ତୁମକୁ ତାଳ ମିଳିଯିବ(tally ହୋଇଯିବ) ଯେ ପୂର୍ବ ଜନ୍ମରେ କ'ଣ ଅଭିପ୍ରାୟ ଦେଇଥିଲେ । ବିଚାର ଆସିଲା ତେବେ ଲେଖି ନିଅ ଯେ ଏପରି ଅଭିପ୍ରାୟ ଦେଇଛି । ପୁଣି ସେ ସବୁ ଅଭିପ୍ରାୟକୁ ଯଦି ଭାଙ୍ଗି ଦିଅ ତେବେ ଏହି ମାଇଣ୍ଡ ଶେଷ ହୋଇଯାଏ । ମୋ ମାଇଣ୍ଡ ଶେଷ ହୋଇଯାଇଛି ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ମନ କେଉଁଥିରେ ବିଲୀନ ହେବ ? କାରଣ ମନ ଯଦି ରହିବ ତେବେ ଜଗତ ରହିବ ।

**ଦାଦାଶ୍ରୀ :** ମନ ଏମିତି ହିଁ ଡିଜଲ୍‌ଭ ହୋଇଯାଏ, କିନ୍ତୁ ତା'କୁ ଯଦି ପୁଣି ନ ବନାଯାଏ ତେବେ । ମାଇଣ୍ଡ ତ ନିରନ୍ତର ଡିସ୍‌ଚାର୍ଜ ହିଁ ହେଉଅଛି, କିନ୍ତୁ ତୁମେ ପୁଣି ଚାର୍ଜ ବି କରିଥାଅ । ତେବେ ମୁଁ କ'ଣ କରେ ? ଚାର୍ଜ ବନ୍ଦ କରିଦିଏ । ପୁଣି ଡିସ୍‌ଚାର୍ଜ ହେବାକୁ ଦିଅ । ଏବେ ତ ତୁମର ମାଇଣ୍ଡ ଚାର୍ଜ ବି ହେଉଛି ଏବଂ ଡିସ୍‌ଚାର୍ଜ ବି ହେଉଛି ।

**ପ୍ରଶ୍ନକର୍ତ୍ତା :** ତେବେ ଜନ୍ମ-ମରଣର ଚକ୍କର କିପରି ବନ୍ଦ ହେବ ?

**ଦାଦାଶ୍ରୀ :** ମାଇଣ୍ଡ ପୁରା ଡିସ୍‌ଚାର୍ଜ ହୋଇଗଲା ଏବଂ ଚାର୍ଜ କଲ ନାହିଁ ତେବେ ଚକ୍କର ବନ୍ଦ ହୋଇଗଲା ।

## ଚିତ୍ତର ସ୍ୱରୂପ

ମାଇଣ୍ଡ ଅଳ୍ପ-ବହୁତ ବୁଝା ପଡ଼ିଗଲା ନା ? ଏବେ ଏହି ଚିତ୍ତ କ'ଣ ? ହାଓ ଇଟ୍ ଇଜ୍ କମ୍ପୋଜ୍ ?

**ପ୍ରଶ୍ନକର୍ତ୍ତା :** ତାହା ମନର ହିଁ ବିଭାଗ ଅଟେ । ଗୋଟିଏ କଥାକୁ ନେଇ ଠିକ୍‌ରେ ବିଚାର କରେ, ଚିନ୍ତନ କରେ, ତାହା ହିଁ ଚିତ୍ତ ।

**ଦାଦାଶ୍ରୀ :** ନା, ନା.... ଚିତ୍ତ ଆଉ ମାଇଣ୍ଡ ର କିଛି ନେବା-ଦେବା ନାହିଁ । ତୁମେ ଅଲଗା କଥା କହୁଛ । କିନ୍ତୁ ଚିତ୍ତ କେଉଁ କେଉଁ ଜିନିଷର କମ୍ପୋଜିଶନ୍ (ସଂଯୋଜନ) ଅଟେ ? ଜ୍ଞାନ-ଦର୍ଶନ, ତାହା ଚିତ୍ତର କମ୍ପୋଜିଶନ୍ ଅଟେ । ଜ୍ଞାନ ଏବଂ ଦର୍ଶନ ଉଭୟ ଭିନ୍ନ ଅଟେ । ଉଭୟ ଯେବେ ମିଶିଯାଏ, ତେବେ ତାହାକୁ ଚିତ୍ତ କୁହାଯାଏ । ହ୍ୱାଟ୍ ଇଜ୍ ଦ ଡିଫରେନ୍ସ ବିଟୁଇନ୍ ଜ୍ଞାନ ଏଣ୍ଡ୍ ଦର୍ଶନ ? ତୁମେ ଆଖିଦ୍ୱାରା ହେଉଥିବା ଦର୍ଶନକୁ ଦର୍ଶନ ମାନୁଛ ? ତାହା ଦର୍ଶନ ନୁହେଁ । ଦର୍ଶନ କାହାକୁ କୁହାଯାଏ ଯେ ଆମେ ଅନ୍ଧାରରେ ବଗିଚାରେ ବସିଛେ, ଘୋର ଅନ୍ଧାର ହୋଇଥାଏ ଏବଂ ସତସଙ୍ଗର କଥା ଚାଲିଥାଏ । ଅନ୍ଧାରରେ ସତସଙ୍ଗ ବିଷୟରେ କଥା ହେବାରେ କ'ଣ କିଛି ଅସୁବିଧା ହୁଏ ? କିନ୍ତୁ ପାଖରୁ କିଛି ଶବ୍ଦ ଆସିଲା ତେବେ ଏହି ଭାଇ କହିବାକୁ ଲାଗିଲେ ଯେ, 'କିଛି ଅଛି ।' ତୁମେ ବି କହିଲ ଯେ 'କିଛି ଅଛି ।' ମୁଁ ବି କହିଲି ଯେ 'କିଛି ଅଛି ।' 'କିଛି ଅଛି' ଏପରି ଯେଉଁ ଜ୍ଞାନ ହେଲା ନା, ତାହାକୁ 'ଦର୍ଶନ' କୁହାଯାଏ । ପୁଣି ସମସ୍ତେ ବିଚାର କରିବେ ଯେ 'କ'ଣ ଅଛି ?' ଯେଉଁଠୁ ଶବ୍ଦ ଆସିଥିଲା ସମସ୍ତେ ସେଠାକୁ ଗଲେ, ତେବେ ସେଠି ଗାଈ ଥିଲା । ମୁଁ କହିବି ଯେ, 'ଏହା ତ ଗାଈ ଅଟେ ।' ତୁମେ ବି କହିବ ଯେ 'ଏହା ଗାଈ ଅଟେ ।' ତେବେ ଏହାକୁ 'ଜ୍ଞାନ' କୁହାଯାଏ । ଅନ୍‌ଡିସାଇଡେଡ୍ ଜ୍ଞାନକୁ 'ଦର୍ଶନ' କୁହାଯାଏ ଏବଂ ଡିସାଇଡେଡ୍ ଜ୍ଞାନକୁ 'ଜ୍ଞାନ' କୁହାଯାଏ । ତୁମକୁ ବୁଝା ପଡ଼ିଲା ? ଜ୍ଞାନ-ଦର୍ଶନ ଉଭୟ ଏକାଠି ହୋଇଗଲେ ଚିତ୍ତ ହୋଇଯାଏ । 'ଜ୍ଞାନ-ଦର୍ଶନ' (ଯଦି) ଅଶୁଦ୍ଧ ଥିବ, ସେପର୍ଯ୍ୟନ୍ତ ଚିତ୍ତ ଅଟେ ଆଉ ଜ୍ଞାନ-ଦର୍ଶନ ଉଭୟ ଶୁଦ୍ଧ ଥିବ, ତାହା ଆତ୍ମା ଅଟେ । ଚିତ୍ତ ଅଶୁଦ୍ଧ ଦେଖେ, 'ନିଜ'କୁ ଦେଖେ ନାହିଁ । 'ଇଏ ମୋ ଶାଶୁ, ଇଏ ମୋ

ଶ୍ୱଶୁର, ଇଏ ମୋ ଭାଇ’, ଏପରି ଅଶୁଦ୍ଧ ଦେଖେ, ତାହା ଅଶୁଦ୍ଧ ଚିତ୍ତ ଅଟେ । ଚିତ୍ତର ଶୁଦ୍ଧି ହୋଇଗଲା, ପରେ ଆତ୍ମଜ୍ଞାନ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ତେବେ ପ୍ରଜ୍ଞା କାହାକୁ କହନ୍ତି ?

**ଦାଦାଶ୍ରୀ :** ଚିତ୍ତ କମ୍ପ୍ଲିଟ୍ ଶୁଦ୍ଧ ହୋଇଗଲା ତେବେ ଆତ୍ମା ହୋଇଗଲା । ଯେବେ ଆତ୍ମା ପ୍ରାପ୍ତ ହୋଇଯାଏ, ସେତେବେଳେ ପ୍ରଜ୍ଞା ଆରମ୍ଭ ହୋଇଯାଏ, ଅଟୋମେଟିକାଲୀ ! ଗୋଟିଏ ହେଉଛି ଅଜ୍ଞା ଏବଂ ଅନ୍ୟଟି ହେଉଛି ପ୍ରଜ୍ଞା । ଅଜ୍ଞା ଅଛି, ସେପର୍ଯ୍ୟନ୍ତ ସେ ସଂସାରରୁ ବାହାରିବାକୁ ଦେବ ନାହିଁ । ସଂସାରର ଏ ଜିନିଷ ଦେଖାଏ, ସେ ଜିନିଷ ଦେଖାଏ, କିନ୍ତୁ ସଂସାରରୁ ବାହାରକୁ ଯିବାକୁ ଦିଏ ନାହିଁ । ବୁଦ୍ଧି ଅଛି, ସେପର୍ଯ୍ୟନ୍ତ ଅଜ୍ଞା ଅଛି । ବୁଦ୍ଧିଦ୍ୱାରା କଥା ବୁଝି ହୁଏ, କିନ୍ତୁ ସେ ପ୍ୟୋର୍(pure) ଦେଖାଏ ନାହିଁ । ବୁଦ୍ଧି ଇନ୍‌ଡିରେକ୍ଟ ପ୍ରକାଶ ଅଟେ ଏବଂ ଜ୍ଞାନ ଡିରେକ୍ଟ ପ୍ରକାଶ ଅଟେ । ଜ୍ଞାନ ମିଳିଗଲା ତେବେ ପ୍ରଜ୍ଞା ହୋଇଗଲା ଏବଂ ପ୍ରଜ୍ଞା, ସେ ମୋକ୍ଷ ଅନୁଗାମୀ ଅଟେ । ଆମେ ଯଦି ନା କହିବା ତଥାପି କିଛି ବି କରି ସେ ମୋକ୍ଷରେ ହିଁ ନେଇଯିବ ।

ଏଠି ବସି ବସି ତୁମ ଚିତ୍ତ ଘରକୁ ଯାଏ, ମନ ଘରକୁ ଯାଏ ନାହିଁ । ସମସ୍ତେ କୁହନ୍ତି, ମୋ ମନ ଘରକୁ ଚାଲି ଯାଉଛି, ସେଠାକୁ ଚାଲି ଯାଉଛି । ତାହା ସତ କଥା ନୁହେଁ । ମନ ତ ଏହି ବଡୀରୁ କେବେ ବାହାରେ ହିଁ ନାହିଁ । ତାହା ଚିତ୍ତ ବାହାରକୁ ଚାଲିଯାଏ । କୌଣସି ବାଳକ ପଢୁଥାଏ, କିନ୍ତୁ ତା’କୁ ଲୋକେ କ’ଣ କୁହନ୍ତି ଯେ ତୋ ଚିତ୍ତ ଏଠି ପଢ଼ିବାରେ ନାହିଁ, ତୋ ଚିତ୍ତ କ୍ରିକେଟରେ ଅଛି । ମନ ଏପରି ଦେଖି ପାରେ ନାହିଁ । ମନ ତ ଅନ୍ଧ ଅଟେ । ସିନେମା ଦେଖି ଆସିଲ, ତଥାପି ଚିତ୍ତ ତାହାକୁ ଦେଖି ପାରେ । ଏହା ଚିତ୍ତ ହିଁ ବାହାରେ ଭଟକିବାରେ ଲାଗିଥାଏ ଆଉ ଖୋଜୁଥାଏ ଯେ କେଉଁଥିରେ ସୁଖ ଅଛି । ସମସ୍ତଙ୍କୁ ଦୁଇଟି ଜିନିଷ ହଇରାଣ କରେ, ମାଇଣ୍ଡ ଏବଂ ଚିତ୍ତ ।

ମାଇଣ୍ଡ ଏହି ବଡୀରୁ ବାହାରକୁ ବାହାରି ପାରେ ହିଁ ନାହିଁ । ମାଇଣ୍ଡ ଯଦି ଏହି ବଡୀରୁ ବାହାରକୁ ବାହାରେ ତେବେ ଲୋକେ ପୁଣି ଭିତରକୁ ପଶିବାକୁ ଦେବେ ନାହିଁ । କିନ୍ତୁ ସେ ବାହାରକୁ ବାହାରେ ହିଁ ନାହିଁ । ମନ ତ ବିଚାରର ଭୂମିକା ଅଟେ । ସେ ବିଚାର ବ୍ୟତୀତ କୌଣସି ବି କାମ କରେ ନାହିଁ । କେବଳ ବିଚାର ହିଁ କରେ । ସବୁ ଜାଗାରେ ଭଟକୁଥାଏ, ବାହାରେ ବୁଲୁଥାଏ, ତାହା ଚିତ୍ତ । ଚିତ୍ତ ଏଠାରୁ ଘରକୁ ଯାଇ ଟେବଲ୍, ଚେୟାର୍, ଆଲମାରୀ ସବୁ ଦେଖେ । ଘରେ, ପୁଅ, ଝିଅ, ପତ୍ନୀକୁ ମଧ୍ୟ ଦେଖେ, ତାହା ଚିତ୍ତ । ବଜାରରେ ଭଲ ଦେଖିଲ ତେବେ କିଣି ନେବାର ବିଚାର କଲ, ତେବେ ସେଠାକୁ

ମଧ୍ୟ ଚିତ୍ତ ଚାଲିଯାଏ । ସବୁ ଦେଖିପାରେ, ତାହା ଚିତ୍ତ । କିନ୍ତୁ ଏବେ ଅଶୁଦ୍ଧ ଚିତ୍ତ ଅଛି । ତାହା ଯେବେ ଶୁଦ୍ଧ ହୋଇଯାଏ ତେବେ ସବୁ କାମ ପୂରା ହୋଇଯାଏ, ସଚ୍ଚିଦାନନ୍ଦ ହୋଇଯାଏ ।

ସଚ୍ଚିଦାନନ୍ଦ ତ ସବୁ କଥାର ଏକ୍ସଟ୍ରାକ୍ଟ(ମର୍ମ) ଅଟେ । ଯେଉଁ ଆତ୍ମା ଅଛି, ସେ ସଚ୍ଚିଦାନନ୍ଦ ଅଟେ । ଭଗବାନ ଅଛନ୍ତି, ସେ ହିଁ ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦରେ ସତ୍ ଅଛି । ଜଗତରେ କୌଣସି ବ୍ୟକ୍ତି ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଦେଖେ, ତାହା ସତ୍ ନୁହେଁ । ସତ୍ କାହାକୁ କୁହାଯାଏ ନା ଯାହା ପରମାନେଣ୍ଟ୍ ଅଟେ । ଅଲ୍ ଦିସ୍ ରିଲେଟିଭ୍ ଆର୍ ଟେମ୍ପରାରୀ ଆଡ୍‌ଜଷ୍ଟମେଣ୍ଟ୍‌ସ । ଯାହା ଟେମ୍ପରାରୀ ଅଟେ, ତାହାକୁ ସତ୍ କୁହାଯାଏ ନାହିଁ । ପରମାନେଣ୍ଟ୍‌କୁ ହିଁ ସତ୍ କୁହାଯାଏ । ଚିତ୍ତ ଅର୍ଥାତ୍ ଜ୍ଞାନ-ଦର୍ଶନ । ସତ୍-ଚିତ୍ତ ଅର୍ଥାତ ପ୍ରକୃତ ଜ୍ଞାନ ଏବଂ ପ୍ରକୃତ ଦର୍ଶନ । ରାଇଟ୍ ଜ୍ଞାନ ଏବଂ ରାଇଟ୍ ବିଲିଫ୍ ! ଯିଏ ଟେମ୍ପରାରୀକୁ ଦେଖେ, ତାହା ଅଶୁଦ୍ଧ ଜ୍ଞାନ-ଦର୍ଶନ ଅଟେ, ଅର୍ଥାତ୍ ଅଶୁଦ୍ଧ ଚିତ୍ତ ଅଟେ । ଏହା ତ ଚିତ୍ତର ଅଶୁଦ୍ଧି ହୋଇଯାଇଛି । (ଯଦି) ଚିତ୍ତର ଶୁଦ୍ଧି ହୋଇଯାଏ ତେବେ କାମ ହୋଇଗଲା । ଚିତ୍ତର ଶୁଦ୍ଧି ହୋଇଯାଏ ତେବେ ତାହାକୁ ସତ୍-ଚିତ୍ତ କୁହାଯାଏ । ସତ୍-ଚିତ୍ତରୁ ଆନନ୍ଦ ହିଁ ମିଳେ ।

**ପ୍ରଶ୍ନକର୍ତ୍ତା :** ତେବେ ଆନନ୍ଦର ପରିଭାଷା କ'ଣ ହେବ ?

**ଦାଦାଶ୍ରୀ :** ୱାର୍ଲଡର ଯେଉଁ ସତ୍ୟ ଅଛି, ତାହା ସତ୍ ନୁହେଁ । ବ୍ୟବହାରରେ (ଯାହା) ଚାଲେ, ତାହା ସତ୍ୟ ଅଟେ, ତାହା ଲୌକିକ ଅଟେ । ବାସ୍ତବିକତା ଅଲୌକିକ ଅଟେ । ଲୌକିକରେ ବାସ୍ତବିକତା ନାହିଁ । ବାସ୍ତବିକତା, ତାହା ସତ୍ ଅଟେ, ତାହା ସତ୍ୟ ନୁହେଁ । ସତ୍ କାହାକୁ କୁହାଯାଏ ଯେ ଯାହା ନିରନ୍ତର ଅଟେ, ନିତ୍ୟ ଅଟେ, ତାହାକୁ ସତ୍ କୁହାଯାଏ । ଅନିତ୍ୟକୁ ସତ୍ୟ କୁହାଯାଏ । ଏହି ୱାର୍ଲଡର ସତ୍ୟ, ଅସତ୍ୟ ସାପେକ୍ଷ ଅଟେ । ତୁମକୁ ଯାହା ସତ୍ୟ ଲାଗେ, ଅନ୍ୟଙ୍କୁ ତାହା ଅସତ୍ୟ ଲାଗେ ଆଉ ଯାହା ସତ୍ ଅଟେ, ତାହା କେବେ ବଦଳେ ହିଁ ନାହିଁ । ସତ୍ ଅର୍ଥାତ୍ ପରମାନେଣ୍ଟ୍ ! ଚିତ୍ତ ଅର୍ଥାତ୍ ଜ୍ଞାନ-ଦର୍ଶନ । ଜ୍ଞାନ-ଦର୍ଶନକୁ ଏକାଠି କରିବା, ତେବେ ଚିତ୍ତ କୁହାଯାଏ । ପରମାନେଣ୍ଟ୍ ଜ୍ଞାନ-ଦର୍ଶନ ହୋଇଗଲା, ତେବେ ତାହାର ଫଳ କ'ଣ ? ଆନନ୍ଦ ! ପରମାନେଣ୍ଟ୍ ଜ୍ଞାନ-ଦର୍ଶନକୁ କ'ଣ କୁହନ୍ତି ? କେବଳ ! ଏବ୍‌ସୋଲ୍ୟୁଟ୍ !

## ବୁଦ୍ଧିର ସାଇନ୍ସ

**ଦାଦାଶ୍ରୀ :** ତୁମର ବୁଦ୍ଧି ଅଛି ?

**ପ୍ରଶ୍ନକର୍ତ୍ତା :** ବହୁତ କମ୍ ।

**ଦାଦାଶ୍ରୀ :** ବୁଦ୍ଧି ଅଧିକ ନାହିଁ ତେବେ ତୁମେ କାମ କିପରି କରୁଛ ? ବିନା ବୁଦ୍ଧିରେ ତ କେହି କାମ କରିପାରିବେ ହିଁ ନାହିଁ । ବୁଦ୍ଧି, ଏହା ସଂସାର ଚଳାଇବା ପାଇଁ ପ୍ରକାଶ ଅଟେ । ସଂସାରରେ ତାହା ଡିସିସନ୍ (ନିର୍ଣ୍ଣୟ) ନେବା ପାଇଁ ଅଛି । ବୁଦ୍ଧି ଯଦି ଥିବ ତେବେ ଡିସିସନ୍ ନେଇ ପାରିବା । ତୁମେ କିପରି ଡିସିସନ୍ ନେଉଛ ?

**ପ୍ରଶ୍ନକର୍ତ୍ତା :** ଯେତେ କମ ବୁଦ୍ଧିରେ କାମ ହୁଏ, ସେତିକିରେ ଚଳେଇ ନେଉଛି ।

**ଦାଦାଶ୍ରୀ :** ତୁମର ସେଠି ଅଧିକ ବୁଦ୍ଧିବାଲା କେହି ବ୍ୟକ୍ତି ଅଛି ?

**ପ୍ରଶ୍ନକର୍ତ୍ତା :** ଦୁନିଆରେ ବହୁତ ଥାଇ ପାରନ୍ତି । ସେମାନେ କିଏ, ତାହା ମୋତେ ଜଣା ନାହିଁ ।

**ଦାଦାଶ୍ରୀ :** ଯାହାର ବିଲକୁଲ ବୁଦ୍ଧି ନାହିଁ, ଏପରି କୌଣସି ବ୍ୟକ୍ତି ଦେଖିଛ ?

**ପ୍ରଶ୍ନକର୍ତ୍ତା :** ବିଲକୁଲ ବୁଦ୍ଧି ନଥିବ ଏପରି ତ କାହାକୁ ଦେଖି ନାହିଁ । କାରଣ ଯେତେ ବି ପ୍ରାଣୀ ଅଛନ୍ତି, ସେମାନଙ୍କୁ ମଧ୍ୟ ସେମାନଙ୍କ ଗ୍ରେଡ୍ ଅନୁସାରେ ଅଳ୍ପ ବି ବୁଦ୍ଧି ହେଉ, କିନ୍ତୁ ଥାଏ ତ ନିଶ୍ଚିତ ।

**ଦାଦାଶ୍ରୀ :** ମୋର ବୁଦ୍ଧି ବିଲକୁଲ ନାହିଁ । ମୁଁ ଅବୁଧ ଅଟେ ।

**ପ୍ରଶ୍ନକର୍ତ୍ତା :** ହଁ, ଏହା ଠିକ୍ କଥା, ଏପରି ହୋଇପାରେ ଯେବେ ଅବୁଧର ଲିମିଟ୍ ପର୍ଯ୍ୟନ୍ତ ପହଞ୍ଚିଗଲା, ତେବେ ସେହି ବ୍ୟକ୍ତି ସ୍ୱୟଂ ବୁଦ୍ଧ ହୋଇଯାଏ ।

**ଦାଦାଶ୍ରୀ :** ହଁ, ସ୍ୱୟଂବୁଦ୍ଧ ହୋଇଯାଏ । ଅବୁଧ ହୋଇଯିବା ପରେ ଜ୍ଞାନପ୍ରକାଶ ହୋଇଯାଏ । ଯେପର୍ଯ୍ୟନ୍ତ ବୁଦ୍ଧି ଅଛି ସେପର୍ଯ୍ୟନ୍ତ ଏକ ପରସେଣ୍ଟ ବି ଜ୍ଞାନ ହୁଏ ହିଁ ନାହିଁ । ଜ୍ଞାନ ଅଛି ସେଠାରେ ବୁଦ୍ଧି ନଥାଏ । ମୋତେ ଯେବେ ଜ୍ଞାନ ହୋଇଗଲା, ପରେ ବୁଦ୍ଧି ବିଲକୁଲ ଖଲାସ ହୋଇଗଲା ।

ତୁମର ବହୁତ ବୁଦ୍ଧି ଅଛି । ତୁମ ୱାଇଫ୍ ହାତରୁ ଯଦି ରାସ୍ତାରେ ପଇସା ପଡ଼ିଯାଏ, ତୁମେ ପଛରେ ଚାଲୁଛ ଏବଂ ପଇସା ପଡୁଥିବାର ଦେଖିଲ ତେବେ ତୁମେ ଇମୋଶନାଲ୍

ହୋଇଯିବ । ଏହା ବୁଦ୍ଧି ଇମୋଶନାଲ କରାଏ । ଯେପର୍ଯ୍ୟନ୍ତ ଇଗୋଇଜମ୍ ଅଛି, ସେପର୍ଯ୍ୟନ୍ତ ବୁଦ୍ଧି ଅଛି । ମୋର ବୁଦ୍ଧି ନାହିଁ, ଏପରି କେବଳ କହିଲେ କ'ଣ ଚଳେ ?

**ପ୍ରଶ୍ନକର୍ତ୍ତା :** ବେଶୀ ବୁଦ୍ଧି ନାହିଁ, ଅଳ୍ପ ବୁଦ୍ଧି ଅଛି ।

**ଦାଦାଶ୍ରୀ :** ଅଳ୍ପ ବୁଦ୍ଧି, ତାହା ହିଁ ବେଶୀ ବୁଦ୍ଧି । ଏହି କାଳରେ ସମ୍ୟକ୍ ବୁଦ୍ଧି କମ ଅଛି ଆଉ ବିପରୀତ ବୁଦ୍ଧି ଅଧିକ ଅଛି । ସାରା ଜଗତକୁ, ଛୋଟ ପିଲାକୁ ମଧ୍ୟ ବୁଦ୍ଧି ଅଛି । କାହାର ପଇସା ଯଦି ରାସ୍ତାରେ ପଡ଼ିଥିବ ତେବେ ନେଇଯାଏ, ତାହା କ'ଣ ବୁଦ୍ଧି ନୁହେଁ ? ସେ ସବୁ ବିପରୀତ ବୁଦ୍ଧି ଅଟେ । ସମ୍ୟକ୍ ବୁଦ୍ଧି ତ ମୋ ପାଖରେ ବସିବା ଦ୍ୱାରା ହୋଇପାରିବ ।

ଜଣେ ବ୍ୟକ୍ତି ମୋତେ ପଚାରୁଥିଲା, 'ଜଗତରେ ଅନ୍ୟ କାହା ପାଖରେ ଜ୍ଞାନ ନାହିଁ ? ଆପଣଙ୍କ ପାଖରେ ହିଁ ଅଛି ?' ତେବେ ମୁଁ କହିଲି ଯେ, 'ନା, ଯାହା ପାଖରେ ବି ଜ୍ଞାନ ଅଛି, ତାହା ସବଜେକ୍ଟ ଜ୍ଞାନ ଅଟେ, ତାହା ବୁଦ୍ଧିର ଜ୍ଞାନ ଅଟେ । ବୁଦ୍ଧିର କନେକ୍ସନ୍ ର ଓ୍ୱାର୍ଲଡର ସବୁ ସବ୍‌ଜେକ୍ଟ ଜାଣେ କିନ୍ତୁ ତାହା ଅହଙ୍କାରୀ ଜ୍ଞାନ ଅଟେ, ସେଥିପାଇଁ ତାହାର ସମାବେଶ ବୁଦ୍ଧିରେ ହୁଏ । କିନ୍ତୁ ନିରହଙ୍କାରୀ ଜ୍ଞାନ, ତାହା ହିଁ ଜ୍ଞାନ ଅଟେ ।' 'ମୁଁ କିଏ' ଏତିକି ହିଁ ଯିଏ ଜାଣେ, ସେ 'ଜ୍ଞାନୀ' । ଜପ, ତପ, ତ୍ୟାଗ ସବୁ ସବ୍‌ଜେକ୍ଟ ଅଟେ, ବିଷୟ ଅଟେ । ବିଷୟୀ କେବେ ବି ନିର୍ବିଷୟୀ ଆତ୍ମା ପ୍ରାପ୍ତ କରିପାରିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ଯେଉଁ ସିଦ୍ଧି ପ୍ରାପ୍ତ କରେ, ତାହା ମଧ୍ୟ ବିଷୟ ଅଟେ ?

**ଦାଦାଶ୍ରୀ :** ସେ ସବୁ ବିଷୟ ଅଟେ ଏବଂ ସେ ସବୁ ସବ୍‌ଜେକ୍ଟ ଜ୍ଞାନ ଅଟେ ଆଉ ବିଷୟର ଆରାଧନା କରିବାଦ୍ୱାରା ମୋକ୍ଷ ମିଳେ ନାହିଁ । ତୁମ ପାଖରେ ବୁଦ୍ଧି ଅଛି, ଜଗତ ପାଖରେ ବୁଦ୍ଧି ଅଛି, କିନ୍ତୁ ମୁଁ ଅବୁଧ ଅଟେ । ବୁଦ୍ଧି, ମଣିଷକୁ କ'ଣ କରେ ? ଇମୋଶନାଲ୍ କରେ । ଏହି ଟ୍ରେନ୍ ମୋଶନ୍‌ରେ ଚାଲେ, ସେ ଯଦି ଇମୋଶନାଲ୍ ହୋଇଯାଏ ତେବେ କ'ଣ ହୋଇଯିବ ?

**ପ୍ରଶ୍ନକର୍ତ୍ତା :** ସବୁ ବିଗିଡ଼ି ଯିବ ।

**ଦାଦାଶ୍ରୀ :** ସେହିପରି ମନୁଷ୍ୟ ଯେବେ ଇମୋଶନାଲ୍ ହୁଏ, ସେତେବେଳେ ଶରୀର ଭିତରେ ଯେତେ ଜୀବ ଅଛନ୍ତି, ସେମାନେ ସବୁ ମରିଯାନ୍ତି । ତାହାର ଦୋଷ ଲାଗେ । ସେଥିପାଇଁ ମୁଁ ତ ମୋଶନ୍‌ରେ ହିଁ ରହେ । ମୁଁ ଇମୋଶନଲ କେବେ ହୁଏ

ନାହିଁ । ତୁମକୁ ମୋଶନ୍‌ରେ ରହିବାର ଇଚ୍ଛା ଅଛି ନା ଇମୋଶନଲ୍ ?

**ପ୍ରଶ୍ନକର୍ତ୍ତା :** ମୋଶନ୍‌ରେ ରହିବାର ଇଚ୍ଛା ଅଛି ।

**ଦାଦାଶ୍ରୀ :** ମନୁଷ୍ୟର ବୁଦ୍ଧି କ'ଣ ଦେଖାଏ ? ଲାଭ ଏବଂ କ୍ଷତି, ଏହି ଦୁଇଟି ଦେଖାଏ । ବୁଦ୍ଧି ଅନ୍ୟ କୌଣସି ଜିନିଷ ଦେଖାଏ ନାହିଁ । ଗାଡ଼ିରେ ଭିତରକୁ ଚଢୁ ଚଢୁ, 'କେଉଁଠି ଭଲ ଜାଗା ଅଛି ଏବଂ କେଉଁଠି ନାହିଁ ।' ବୁଦ୍ଧିର ଧନ୍ଦା ହିଁ ଲାଭ-କ୍ଷତି ଦେଖାଇବା ଅଟେ । ମୋର ବିଲକୁଲ ବୁଦ୍ଧି ନାହିଁ, ତେଣୁ ମୋତେ କୌଣସି ଜାଗାରେ ଲାଭ-କ୍ଷତି ଲାଗେ ହିଁ ନାହିଁ । ଏହା ଭଲ, ଏହା ଖରାପ, ଏପରି ଲାଗେ ହିଁ ନାହିଁ । ବଡ଼-ବଡ଼ ବଙ୍ଗଳା ଥିବାବାଲା ଲୋକ ଆସନ୍ତି, ସେମାନେ ମୋତେ ପଚାରନ୍ତି ଯେ 'ଆପଣଙ୍କ ଦୃଷ୍ଟିରେ ଆମ ବଙ୍ଗଳା କିପରି ଲାଗିଲା ?' ତେବେ ମୁଁ କହେ, 'ମୋତେ ତୁମ ବଙ୍ଗଳା କେବେ ଭଲ ଲାଗି ନାହିଁ । ଯେଉଁ ବଙ୍ଗଳା ଏଇଠି ହିଁ ଛାଡ଼ିବାର ଅଛି, ତାହାର ଭଲ ଖରାପ କ'ଣ ଦେଖିବା ? ଏହି ବଙ୍ଗଳାରୁ ନିଜର କୋକେଇ ବାହାରିବ ।'

ବୁଦ୍ଧି ପର-ପ୍ରକାଶକ ଅଟେ ଆଉ ଆତ୍ମା ସ୍ୱ-ପର ପ୍ରକାଶକ ଅଟେ । ବୁଦ୍ଧି ଏବଂ ଜ୍ଞାନ ଉଭୟ ଅଲଗା କଥା ଅଟେ । ତୁମ ପାଖରେ ଜ୍ଞାନ ଅଛି ନା ବୁଦ୍ଧି ?

**ପ୍ରଶ୍ନକର୍ତ୍ତା :** ବୁଦ୍ଧି ତ ଅଛି, ଜ୍ଞାନ ପାଇଁ ସେତେ ପର୍ଯ୍ୟନ୍ତ ପହଞ୍ଚି ନାହିଁ ।

**ଦାଦାଶ୍ରୀ :** ବୁଦ୍ଧି ଅଛି ତେବେ ସେଠି ଜ୍ଞାନ ନାହିଁ ।

**ପ୍ରଶ୍ନକର୍ତ୍ତା :** ସେଥିପାଇଁ ଜ୍ଞାନରେ ପହଞ୍ଚିବା ପାଇଁ ଚେଷ୍ଟା କରୁଛି ।

**ଦାଦାଶ୍ରୀ :** ନା, ଜ୍ଞାନରେ ଚେଷ୍ଟା କରିବାର ଆବଶ୍ୟକତା ହିଁ ନାହିଁ । ତାହା ସହଜ (ରୂପେ) ହୁଏ, ଚେଷ୍ଟା କରିବାକୁ ପଡ଼େ ନାହିଁ ।

**ପ୍ରଶ୍ନକର୍ତ୍ତା :** ଜ୍ଞାନର କଥା ବୁଦ୍ଧିଦ୍ୱାରା ବୁଝିବା ଉଚିତ୍ ନୁହେଁ, ଏପରି କାହିଁକି ?

**ଦାଦାଶ୍ରୀ :** ହଁ, ଏହା ବୁଦ୍ଧି ଉପରର କଥା ଅଟେ । ଯାହା ପାଖରେ ବିଲକୁଲ ବୁଦ୍ଧି ନାହିଁ, ଯିଏ ଅବୁଧ ଅଟେ, ସେହିଠାରୁ ଏହି କଥା ମିଳେ । ଓ୍ୱାର୍ଲଡରେ କୌଣସି ଜାଗାରେ ଅବୁଧ ବ୍ୟକ୍ତି କେବେ ଦେଖିଥିଲ ? ସବୁ ବୁଦ୍ଧିବାଲା ଦେଖିଛ ? ଏହି ଓ୍ୱାର୍ଲଡରେ ମୁଁ ଏକୁଟିଆ ଅବୁଧ ଅଟେ । ମୋ ଠାରେ ବୁଦ୍ଧି ବିଲକୁଲ ନାହିଁ, ମୋ ପାଖରେ ଜ୍ଞାନ ଅଛି । ଜ୍ଞାନ ଏବଂ ବୁଦ୍ଧି ମଧ୍ୟରେ ଡିଫରେନ୍ସ କ'ଣ ? ବୁଦ୍ଧି ଇନ୍‌ଡିରେକ୍ଟ ପ୍ରକାଶ ଅଟେ ଆଉ ଜ୍ଞାନ ଡିରେକ୍ଟ ପ୍ରକାଶ ଅଟେ । ଏହା ଦୁଇଟି ଜିନିଷ, ତେବେ ଦୁଇଟିରୁ ମୁଁ ଗୋଟିଏ

ରଖିଦେଲି, ଡିରେକ୍ଟ ପ୍ରକାଶ । ଇନ୍‌ଡିରେକ୍ଟ ପ୍ରକାଶ ମୋତେ ଦରକାର ନାହିଁ । ଯାହା ପାଖରେ ଡିରେକ୍ଟ ପ୍ରକାଶ ନାହିଁ, ତା'କୁ ଇନ୍‌ଡିରେକ୍ଟ ପ୍ରକାଶ ଦରକାର । ଏଥିପାଇଁ ସେ କ୍ୟାଣ୍ଡେଲ୍ (ମହମବତୀ) ରଖେ କିନ୍ତୁ ଯଦି ଡିରେକ୍ଟ ପ୍ରକାଶ ଆସିଲା ତେବେ ପୁଣି କ୍ୟାଣ୍ଡେଲ୍‌ର ଆବଶ୍ୟକତା କ'ଣ ? ପୁରା ଓ୍ୱାର୍ଲଡ ପାଖରେ କ୍ୟାଣ୍ଡେଲ୍ ଅଛି, ମୋ ପାଖରେ କ୍ୟାଣ୍ଡେଲ୍ ନାହିଁ, ମୋ ପାଖରେ ବୁଦ୍ଧି ନାହିଁ ।

ଯେଉଁ ଇନ୍‌ଡିରେକ୍ଟ ପ୍ରକାଶ ଅଛି, ତାହା କିଭଳି ପ୍ରକାଶ ହୋଇଥାଏ ? ଏହା ତୁମକୁ ବତାଇ ଦେଉଛି ଯେ ସୂର୍ଯ୍ୟନାରାୟଣଙ୍କ ଲାଇଟ୍ ଏଠି ଆଇନା ଉପରକୁ ଡିରେକ୍ଟ ଆସେ ଏବଂ ଆଇନାର ପ୍ରକାଶ ଆମ ରୋଷେଇ ଘରକୁ ଯାଏ । ରୋଷେଇ ଘରକୁ ଯାଏ, ସେହି ପ୍ରକାଶକୁ ଇନ୍‌ଡିରେକ୍ଟ ପ୍ରକାଶ କୁହାଯାଏ । ଏହିପରି ସବୁ ମନୁଷ୍ୟଙ୍କର 'ବୁଦ୍ଧି' ଇନ୍‌ଡିରେକ୍ଟ ପ୍ରକାଶ ଅଟେ, ଆଉ ସୂର୍ଯ୍ୟନାରାୟଣଙ୍କ ଡିରେକ୍ଟ ପ୍ରକାଶ ଯାହା ଏଠି ଆଇନା ଉପରେ ପଡ଼େ, ସେହି ଡିରେକ୍ଟ ପ୍ରକାଶକୁ 'ଜ୍ଞାନ' କୁହାଯାଏ ।

ସୂର୍ଯ୍ୟନାରାୟଣଙ୍କ ଲାଇଟ୍ ଆଇନାର ମିଡ଼ିୟମ୍ ଥ୍ରୁ ଯାଏ । ସେଠି ମିଡ଼ିୟମ ଆଇନା ଅଟେ । ସେହିପରି ଆତ୍ମାର ଲାଇଟ୍ ଇଗୋଇଜମ୍‌ର ମିଡ଼ିୟମ ଥ୍ରୁ ବାହାରେ, ତାହା ବୁଦ୍ଧି । ଯେପରି-ଯେପରି ଇଗୋଇଜମ୍ ଥାଏ, ସେହିପରି ହିଁ ବୁଦ୍ଧି ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** ନିଜେ ନିଜକୁ 'ମୁଁ' କୁହନ୍ତି, ସେହି 'ମୁଁ' କୁ ଅହଙ୍କାର କୁହନ୍ତି ନା ?

**ଦାଦାଶ୍ରୀ :** ହଁ, (ଯେଉଁଠି) ସେହି 'ମୁଁ'ର ଅହଙ୍କାର ଅଛି ସେଠି ବୁଦ୍ଧି ଅଛି ଆଉ 'ମୁଁ'ର ଅହଙ୍କାର ନାହିଁ ସେଠି ଜ୍ଞାନ ଅଛି, ପ୍ରକାଶ ଅଛି । ମୋ ଠାରେ ବୁଦ୍ଧି ନାହିଁ ଏବଂ 'ମୁଁ'ର ଅହଙ୍କାର ବି ନାହିଁ । ମୋ ଠାରେ କୌଣସି ପ୍ରକାରର ଅହଙ୍କାର ନାହିଁ । ବଡ଼ ବଡ଼ ମହାତ୍ମା ମାନଙ୍କୁ 'ମୁଁ, ମୁଁ, ମୁଁ' ହିଁ ରହିଥାଏ ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ସେ ବଡ଼ କିପରି ହେଲା ? ଯଦି 'ମୁଁ, ମୁଁ, ମୁଁ' ଅଛି ତେବେ ପୁଣି ସେ ବଡ଼ କୁହାଯିବ ନାହିଁ ନା ?

**ଦାଦାଶ୍ରୀ :** ତାହା ତ ସେ ମାନୁଥାଏ ଯେ 'ମୁଁ ବଡ଼' । ମଝିରେ ଅହଙ୍କାର ମିଡ଼ିୟମ ଅଟେ । ଯେଉଁ ଡିରେକ୍ଟ ପ୍ରକାଶ ଅଛି, ତାହା ମଝିରେ ଅହଙ୍କାରର ମିଡ଼ିୟମ ଅଛି, ତେବେ ଅନ୍ୟ ପାର୍ଶ୍ୱରେ ବୁଦ୍ଧି ମିଳେ । ମୋ ପାଖରେ ବୁଦ୍ଧି ନାହିଁ, କାରଣ ଇଗୋଇଜମ୍ ଖଲାସ ହୋଇଗଲା, ପୁଣି ବୁଦ୍ଧି କେଉଁଠୁ ଆଣିବି ? ମୋ ଠାରେ ଯଦି କିଛି ବି ଇଗୋଇଜମ୍ ଥାଆନ୍ତା ତେବେ ପୁଣି ମୋତେ ଜ୍ଞାନ ହିଁ ହୋଇନଥାନ୍ତା, ପ୍ରକାଶ

ହୋଇନଥାନ୍ତା । ଯେଉଁଠି ଇଗୋଇଜମ୍ ଅଛି, ସେଠି ବୁଦ୍ଧି ଅଛି ଆଉ ଇଗୋଇଜମ୍ ନାହିଁ, ସେଠି ଆତ୍ମାର ପ୍ରକାଶ ଅଛି ।

ବୁଦ୍ଧିର ସ୍ୱଭାବ କ'ଣ ? ତାହା ଇନ୍‌ଡିରେକ୍ଟ ପ୍ରକାଶ ଅଟେ, ଆଉ ବୁଦ୍ଧି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସମାନ ନଥାଏ । କାହା ପାଖରେ ୮୦ ଡିଗ୍ରୀ, କାହା ପାଖରେ ୮୧ ଡିଗ୍ରୀ, କାହା ପାଖରେ ୮୨ ଡିଗ୍ରୀ, ଏପରି ଡିଗ୍ରୀବାଲା ଥାଏ । ପୁରା ୧୦୦% ବୁଦ୍ଧି କାହାରି ନାହିଁ । ଯେବେ ୧୦୦% ବୁଦ୍ଧି ହୁଏ, ସେତେବେଳେ ତାଙ୍କୁ 'ବୁଦ୍ଧ ଭଗବାନ' କୁହାଯାଏ । ତାଙ୍କ ବୁଦ୍ଧି ୧୦୦% ହୋଇଯାଇଥିଲା, କିନ୍ତୁ ତାହା ଡିରେକ୍ଟ ପ୍ରକାଶରେ ଆସି ନଥିଲା । ତାଙ୍କର ଇଗୋଇଜମ୍ କ'ଣ ଥିଲା ? ଦୟା,ଦୟା, ଦୟା... ଇଏ ଦୁଃଖୀ, ଇଏ ଦୁଃଖୀ, ସବୁ ଦୁଃଖୀଙ୍କୁ ଦେଖି ଦୟା ଆସୁଥିଲା । ତାଙ୍କୁ କ'ଣ ହୋଇଥିଲା ? ତାହା ତାଙ୍କର ଇଗୋଇଜମ୍ ଥିଲା ଏବଂ ସେଥିପାଇଁ ସେ ଆଗକୁ ଜ୍ଞାନରେ ଗଲେ ନାହିଁ । ସେ ଇଗୋଇଜମ୍ ଭଲ ଇଗୋଇଜମ୍ ଥିଲା, କିନ୍ତୁ ଯେପର୍ଯ୍ୟନ୍ତ ଇଗୋଇଜମ୍ ଅଛି, ସେପର୍ଯ୍ୟନ୍ତ ଆଗକୁ କିପରି ଆସିବ ? ନହେଲେ, ବୁଦ୍ଧ ତ ଭଗବାନ ହୋଇଗଲେ । ଯଦି (ଆଉ) ଏକ ଷ୍ଟେପ୍ ଆଗକୁ ଯାଇଥାନ୍ତେ, ତେବେ ପୂର୍ଣ୍ଣ ଭଗବାନ ହୋଇଯାଇଥାନ୍ତେ । ମହାବୀର ଭଗବାନ ହେଲେ ନା, ସେହିପରି ପୂର୍ଣ୍ଣ ଭଗବାନ ହୋଇଯାଇଥାନ୍ତେ ।

ମୋର ବୁଦ୍ଧି ବିଲକୁଲ ନାହିଁ । ଯେଉଁଠି ବୁଦ୍ଧି ଅଛି ସେଠାରେ ମୋକ୍ଷ କେବେ ନାହିଁ, ଆଉ କେବେ ମିଳିବ ବି ନାହିଁ । ଚବିଶ ତୀର୍ଥଙ୍କରଙ୍କୁ ବୁଦ୍ଧି ବିଲକୁଲ ନଥିଲା ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ତାଙ୍କୁ ତ ଅନନ୍ତଜ୍ଞାନ ଥାଏ, ଏପରି କୁହନ୍ତି ନା ?

**ଦାଦାଶ୍ରୀ :** ସେ ଅନନ୍ତଜ୍ଞାନ ତ ବିଲକୁଲ ଠିକ୍, କିନ୍ତୁ ତାଙ୍କୁ ବୁଦ୍ଧି ନଥିଲା । ବୁଦ୍ଧି ତ ସବୁ ଲୋକଙ୍କୁ ଥାଏ । ଗରୀବ ଲୋକଙ୍କୁ ମଧ୍ୟ ବୁଦ୍ଧି ତ ଥାଏ ।

**ପ୍ରଶ୍ନକର୍ତ୍ତା :** ତେବେ ବୁଦ୍ଧି ଆଉ ଜ୍ଞାନ ମଧ୍ୟରେ କ'ଣ ତଫାତ ?

**ଦାଦାଶ୍ରୀ :** ବହୁତ ତଫାତ । ଯେପରି ଅନ୍ଧାର ଆଉ ଆଲୋକ ଅଛି, ସେତିକି ତଫାତ୍ । ସଂସାରରେ ଯିଏ ଭଟକେ, ସେ ବୁଦ୍ଧି ଯୋଗୁଁ ହିଁ ଭଟକେ । ବୁଦ୍ଧିଦ୍ୱାରା ତ ଭଗବାନ ମିଳନ୍ତି ନାହିଁ ଆଉ ବୁଦ୍ଧି ମୋକ୍ଷରେ ଯିବାକୁ ହିଁ ଦିଏ ନାହିଁ । ବୁଦ୍ଧି ମୋକ୍ଷରେ ଯିବାକୁ ନଦେବା ପାଇଁ ପ୍ରୋଟେକ୍ସନ୍ କରେ । ଲାଭ-କ୍ଷତି, ପ୍ରଫିଟ୍-ଲସ୍ ବୁଦ୍ଧି ହିଁ ଦେଖାଏ । କ'ଣ କରେ ?

**ପ୍ରଶ୍ନକର୍ତ୍ତା :** ବ୍ୟବହାରରେ ଘୂରାଏ ?

**ଦାଦାଶ୍ରୀ :** ହଁ, ବ୍ୟବହାରରେ ହିଁ ଘୂରାଏ । ସେ (ସେଥିରୁ) ବାହାରିବାକୁ ହିଁ ଦିଏ ନାହିଁ, ଆଉ କେବେ ମୋକ୍ଷରେ ଯିବାକୁ ଦେବ ନାହିଁ । (ଯେବେ) ବୁଦ୍ଧି ସମାପ୍ତ ହୋଇଯିବ, ପରେ ମୋକ୍ଷ ହୋଇଯିବ । ମୁଁ ଅବୁଧ ଅଟେ । ମୋର ବୁଦ୍ଧି ନାହିଁ । ଛୋଟ ପିଲାକୁ ବି ବୁଦ୍ଧି ଥାଏ । ସବୁ ମନୁଷ୍ୟଙ୍କୁ ବୁଦ୍ଧି ଥାଏ । ୱ୍ୱର୍ଲଡରେ ବୁଦ୍ଧି ନଥିବା ବ୍ୟକ୍ତି ମୁଁ ଏକା । ଏହି ୱ୍ୱର୍ଲଡରେ କେହି ମନୁଷ୍ୟ ସବୁ ପ୍ରକାରର ଜ୍ଞାନ ଜାଣେ, ସାଇଣ୍ଟିଷ୍ଟ ସବୁ ପ୍ରକାରର ଜ୍ଞାନ ଜାଣେ, କିନ୍ତୁ ତାହା ବୁଦ୍ଧିରେ ଚାଲିଯାଏ । କାରଣ ସେହି ଜ୍ଞାନ ୱିଥ୍ ଇଗୋଇଜମ୍ ଅଟେ ଏବଂ ଇଗୋଇଜମ୍‌ର ମିଡ଼ିୟମ୍ ଦ୍ୱାରା ସେହି ଜ୍ଞାନ ହୁଏ । ଆତ୍ମାର ଜ୍ଞାନ ଅଛି, ପ୍ରକାଶ ଅଛି, ସେହି ଡିରେକ୍ଟ ଜ୍ଞାନକୁ ଜ୍ଞାନ କୁହାଯାଏ । ଯେଉଁଠି ଇଗୋଇଜମ୍ ନାହିଁ, ସେଠି ଡିରେକ୍ଟ ଜ୍ଞାନ ଅଛି । ସାରା ଦୁନିଆର ସମସ୍ତ ସବ୍‌ଜେକ୍ଟ ଜାଣେ, କିନ୍ତୁ ଯାହା ଅହଙ୍କାରୀ ଜ୍ଞାନ ଅଟେ, ତାହା ବୁଦ୍ଧି ଆଉ ଯାହା ନିର୍‌ଅହଙ୍କାରୀ ଜ୍ଞାନ ଅଟେ, ତାହା ଜ୍ଞାନ ।

ଏହି ଜଗତ କ'ଣ? ତାହା ଶର୍ଟ ସେଣ୍ଟେନ୍ସରେ ବତାଇ ଦେଉଛି । ଗୋଟିଏ ଶୁଦ୍ଧାତ୍ମା ଏବଂ ଅନ୍ୟଟି ସଂଯୋଗ ।

ସଂଯୋଗର ବହୁତ ବିଭାଜନ ଥାଏ । ସ୍ଥୁଳ ସଂଯୋଗ, ସୂକ୍ଷ୍ମ ସଂଯୋଗ ଏବଂ ବାଣୀର ସଂଯୋଗ । ତୁମେ ଏକାନ୍ତରେ ବସିଛ ଏବଂ ମନ କିଛି କହିଲା, ତେବେ ତାହା ତୁମର ସୂକ୍ଷ୍ମ ସଂଯୋଗ । କୌଣସି ବ୍ୟକ୍ତି ତୁମକୁ ଡାକିବାକୁ ଆସିଲା, ତାହା ସ୍ଥୁଳ ସଂଯୋଗ । ତୁମେ କିଛି କହିଦେଲ, ତାହା ବାଣୀର ସଂଯୋଗ । ଯେଉଁ ସଂଯୋଗ ଅଛି, ତାହା ବିୟୋଗୀ ସ୍ୱଭାବବାଲା ଅଟେ । ଯେଉଁ ସଂଯୋଗ ତୁମକୁ ମିଳେ, ତୁମକୁ ତା'କୁ କହିବାକୁ ପଡ଼େ ନାହିଁ ଯେ ତୁମେ ଚାଲିଯାଅ ଅଥବା ତୁମେ ବସ । ବସ କହିବ ତେବେ ମଧ୍ୟ ସେ ଚାଲିଯିବ । ସଂଯୋଗର ସ୍ୱଭାବ ହିଁ ବିୟୋଗୀ ଅଟେ । ଶୁଦ୍ଧାତ୍ମାକୁ କିଛି କରିବାକୁ ପଡ଼େ ନାହିଁ । ତାହାର (ଯେବେ) ଟାଇମ୍ ହୋଇଯିବ ସେ ଉଠିକି ଚାଲିଯିବ । ସଂଯୋଗକୁ ବୁଦ୍ଧି ଦୁଇ ପ୍ରକାରେ ଭାଗ କରିଦେଲା ଯେ, 'ଏହା ମୋ ପାଇଁ ଭଲ ଆଉ ଏହା ମୋ ପାଇଁ ଖରାପ ।' ସେ ସବୁ ସଂଯୋଗ ଅଟେ । କିନ୍ତୁ ବୁଦ୍ଧି ଭଲ-ଖରାପ ନାମ ଦେଇ ଦେଲା । ଏଥିରେ 'ଜ୍ଞାନୀ' ଅବୁଧ ରୁହନ୍ତି । ସଂଯୋଗକୁ ସଂଯୋଗ ହିଁ ମାନି ନିଅନ୍ତି । ସେ ସଂଯୋଗକୁ ଦୁଇ ଭାଗ କରନ୍ତି ନାହିଁ । ଦ୍ୱନ୍ଦ୍ୱ କରନ୍ତି ନାହିଁ ଯେ 'ଖରାପ ଅଟେ ଆଉ ଭଲ ଅଟେ ।' ଯିଏ ଅବୁଧ ହୋଇଗଲା ତେବେ ସେମାନଙ୍କୁ ସଂଯୋଗ କିଛି କ୍ଷତି ପହଞ୍ଚାଏ ନାହିଁ ଆଉ ଯଦି ବୁଦ୍ଧିବାଲା ହୋଇଗଲା ଯେ 'ଏହା ଭଲ, ଏହା ଖରାପ', ଏପରି କଲା ତେବେ ପୁଣି ଅସୁବିଧା ହୁଏ ।

ସମ୍ପୂର୍ଣ୍ଣ ବୁଦ୍ଧି ଥିବ ତେବେ ମଧ୍ୟ, ଏହି ଜଗତ କିଏ ତିଆରି କଲା ଏହା ବୁଝିପାରେ ନାହିଁ । ଆଜିର ସାଇଣ୍ଟିଷ୍ଟମାନେ ବୁଝିଗଲେଣି ଯେ କ୍ରିଏଶନ୍‌ରେ ଖୁଦାର ଆବଶ୍ୟକତା ନାହିଁ ।

## 'ଅହମ୍‌କାର'ର ସଲ୍ୟୁସନ୍

ସେ କୀଟ(ଓଡ଼ଶ) ମାରିବା ଔଷଧ ଥାଏ, ତାହା ପିଇଯାଏ, ପୁଣି ତା'କୁ ମାରିବାରେ ଭଗବାନଙ୍କ ଆବଶ୍ୟକତା ପଡ଼େ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଔଷଧ ପିଇବାର ବୁଦ୍ଧି କିଏ ଦିଏ ?

**ଦାଦାଶ୍ରୀ :** ଭିତରେ ଯିଏ ବୁଦ୍ଧିବାଲା ଅଛି, ସେ ଦିଏ ।

**ପ୍ରଶ୍ନକର୍ତ୍ତା :** ତାହା ଆତ୍ମା ?

**ଦାଦାଶ୍ରୀ :** ନା, ଆତ୍ମା ଏଥିରେ ହାତ ମାରେ ହିଁ ନାହିଁ । ଆତ୍ମା ନିର୍ଲେପ ଅଟେ, ଅସଙ୍ଗ ହିଁ ଅଟେ । ଏସବୁ ହେଉଛି ଇଗୋଇଜମ୍‌ର କ୍ରିୟା ।

**ପ୍ରଶ୍ନକର୍ତ୍ତା :** ତେବେ ଏହି ଓଡ଼ଶମରା ଔଷଧ ଜଣେ ବ୍ୟକ୍ତି ପିଇଲା ତେବେ ତାହାର ପୂର୍ବର କିଛି ସମ୍ବନ୍ଧ ଅଛି ?

**ଦାଦାଶ୍ରୀ :** ହଁ, ପୂର୍ବର ହିଁ ସମ୍ବନ୍ଧ ଅଛି । ତାହା ନିଜର ହିଁ କର୍ମ, ଆଉ କିଛି ନୁହେଁ । ଭଗବାନ ତ ଏଥିରେ ହାତ ମାରନ୍ତି ହିଁ ନାହିଁ । କର୍ମ ଯୋଗୁଁ ତା'ର ବୁଦ୍ଧି ଏପରି ହୋଇଗଲା ଏବଂ କୀଟନାଶକ ଔଷଧ ପିଇଯାଏ । ଆତ୍ମା ତ ଅସଙ୍ଗ ହିଁ ଅଟେ ।

ଲୋକେ କୁହନ୍ତି ଯେ ଆତ୍ମାର ଇଚ୍ଛାରୁ ହୋଇଗଲା । କିନ୍ତୁ ଆତ୍ମାକୁ ଇଚ୍ଛା ହୁଏ ହିଁ ନାହିଁ, ଆତ୍ମାର ଇଚ୍ଛା ହିଁ ନାହିଁ । (ଯଦି) ଆତ୍ମାର ଇଚ୍ଛା ଅଛି ତେବେ ସେ ଭିକାରୀ ଅଟେ । ଆତ୍ମାକୁ ଇଚ୍ଛା ହୋଇଗଲା ତେବେ ସବୁ ସରିଗଲା । ଏସବୁ ଇଗୋଇଜମ୍‌ର ଅଟେ, ମଝିରେ ଅହମ୍ ହିଁ ଅଛି । ଯେବେ ଇଗୋଇଜମ୍ ଚାଲିଯିବ, ତେବେ ପୁଣି ସାରା ପଜଲ ସଲ୍‌ଭ ହୋଇଯାଏ । ପଜଲ୍ ସଲଭ୍ କରିବାର ତୁମର ବିଚାର ଅଛି ? କିନ୍ତୁ ଯଦି ପଜଲ୍ ହେବ ତେବେଯାଇ ପ୍ରୋଗ୍ରେସ୍ ହେବ । ପଜଲ୍ ହେବା ଉଚିତ୍, ପ୍ରୋବ୍ଲେମ୍ ତ ଆସିବା ଉଚିତ୍ । ପ୍ରୋଗ୍ରେସ୍ ପାଇଁ ପ୍ରୋବ୍ଲେମ୍ ଆସିବା ଉଚିତ୍ । ମାଇଣ୍ଡର ପରୀକ୍ଷା, ବୁଦ୍ଧିର ପରୀକ୍ଷା, ଇଗୋଇଜମ୍‌ର ପରୀକ୍ଷା ହେବା ଉଚିତ୍ ।

'ମୁଁ ଏପରି କହିଦେଲି', ଏହିପରି ସେ ସ୍ୱିଚ୍ ର ମାଲିକ ହୋଇଯାଏ । ସମସ୍ତେ ଭ୍ରାନ୍ତିରେ କୁହନ୍ତି ଯେ 'ମୁଁ ଏପରି କଲି, ଏପରି କଲି ।' ସେ ସବୁ ଭ୍ରାନ୍ତି ଅଟେ, ସତ କଥା ନୁହେଁ । ଏହାଦ୍ୱାରା ଇଗୋଇଜମ୍ ହୁଏ । ଇଗୋଇଜମ୍ ଯୋଗୁଁ ହିଁ ଜନ୍ମ-ଜନ୍ମାନ୍ତର ହୁଏ ।

ସେ ଯେବେ ଲାଷ୍ଟ ଷ୍ଟେସନ୍ ଯିବାର ସମୟ ହୁଏ, ସେତେବେଳେ ଦୁଇ-ଚାରି ଦିନ ବାକି ଥିବ ତେବେ କ'ଣ ହୁଏ ? ସେ କ'ଣ କହିବ ? 'ମୁଁ କଥା କହି ପାରୁନାହିଁ' କଥା କହିବା ବନ୍ଦ ହୋଇଯାଏ । ଆଉ ତୁମେ କହୁଛ ଯେ, 'ମୁଁ କହୁଛି' । ଆରେ, କ'ଣ କହୁଛ ?

ପୁରା ୱାର୍ଲ୍ଡରେ ଏପରି କୌଣସି ବ୍ୟକ୍ତି ଜନ୍ମ ହୋଇନାହିଁ ଯେ ଯାହାକୁ ଝାଡ଼ା ଯିବାର ନିଜ ସ୍ୱତନ୍ତ୍ର ଶକ୍ତି ଥିବ । ତାହା ଯେବେ ବନ୍ଦ ହୋଇଯିବ, ସେତେବେଳେ ଜଣା ପଡ଼ିବ ଯେ ଆମ ଶକ୍ତି ନଥିଲା । ଦିନ ସାରା କ'ଣ କୁହେ ଯେ 'ଏହା ମୁଁ କହିଲି, ମୁଁ ଏପରି କୁହେ, ମୁଁ ଏପରି କହିଦେଲି ।' ପୁଣି ଯିବା ସମୟରେ କହିବାବାଲା କୁଆଡ଼େ ଚାଲିଗଲା ? ତେବେ କହିବ, 'ନାହିଁ, ସବୁ ବନ୍ଦ ହୋଇଗଲା ।'

ଇଏ ତ ଓନ୍‌ଲୀ ଇଗୋଇଜମ୍ କରେ ଯେ, 'ମୁଁ ଏହା କଲି, ମୁଁ ତାହା କଲି ।' ମୋର ଇଗୋଇଜମ୍ ବିଲକୁଲ ନାହିଁ । ଏହି ଦେହର ମାଲିକ ମୁଁ କେବେ ହୋଇ ନାହିଁ । ଏହି ସ୍ୱିଚ୍‌ର, ଏହି ମାଇଣ୍ଡର ବି ମାଲିକ ହୋଇ ନାହିଁ ଆଉ ତୁମେ ତ ସବୁଥିର ମାଲିକ, 'ଏହା ମୋର, ଏହା ମୋର' । କୌଣସି ବ୍ୟକ୍ତି ଲାଷ୍ଟ ଷ୍ଟେସନ୍‌ରେ କିଛି ସାଥିରେ ନେଇ ଯାଏ ନାହିଁ । ଯଦି ତୁମର ଅଟେ ତେବେ ସାଥିରେ ନେଇଯାଅ ନା ? କିନ୍ତୁ ନିଏ ନାହିଁ । ତା'ର ଇଚ୍ଛା ତ ଅଛି ସାଥିରେ ନେଇଯିବା ପାଇଁ । କିନ୍ତୁ କିପରି ନେଇଯିବ ? ରେଣ୍ଟାଲ୍ ରୁମ୍ (ଭଡ଼ା ଘର) ବି ଖାଲି କରିବାର ଇଚ୍ଛା ନଥାଏ, କିନ୍ତୁ କ'ଣ କରିହେବ ? ମାରି-ମାରିକି ଖାଲି କରାଏ ।

ତୁମେ ନିଜେ ହିଁ ଭଗବାନ, କିନ୍ତୁ ତୁମକୁ ଜଣା ନାହିଁ । ମୁଁ ତ ତାଙ୍କୁ ଦେଖେ, କିନ୍ତୁ ତୁମକୁ ଭଗବାନଙ୍କର ଅନୁଭବ ନାହିଁ । ତୁମେ ଆତ୍ମା ଅଟ ଏହାର ଅନୁଭବ ତୁମକୁ ନାହିଁ । ସେଲ୍ଫ ରିୟଲାଇଜେଶନ୍(self realisation) ବି କରି ନାହଁ ଆଉ ଯାହା ତୁମର ସେଲ୍ଫ ନୁହେଁ, ତାହାକୁ ହିଁ ମାନୁଛ ଯେ 'ମୁଁ ହିଁ ସେଲ୍ଫ ।'

**ପ୍ରଶ୍ନକର୍ତ୍ତା :** ସମସ୍ତେ କୁହନ୍ତି ଯେ 'ଅହମ୍' କୁ ଭୁଲ ଆଉ 'ଅହମ୍'କୁ ଭୁଲିବା ପାଇଁ ମୁଁ ପ୍ରସ୍ତୁତ ଅଛି, କିନ୍ତୁ ତାହା ଭୁଲି ହେଉ ନାହିଁ ତେବେ ତାହାକୁ କିପରି ଭୁଲି ହେବ ?

**ଦାଦାଶ୍ରୀ :** କୌଣସି ବି ବ୍ୟକ୍ତି 'ଅହମ୍'କୁ ଭୁଲି ପାରିବ ହିଁ ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହାକୁ ଛାଡ଼ି ହେବ କିପରି ? ଏଥିପାଇଁ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ଯିଏ 'ଜ୍ଞାନୀପୁରୁଷ' ଅଟନ୍ତି, ତାଙ୍କ ସାଇଣ୍ଟିଫିକ୍ ବିଜ୍ଞାନ ଦ୍ୱାରା ସବୁ ହୁଏ । ସେଠାରେ ଜ୍ଞାନ ଚଳିବ ନାହିଁ । ଏହି ସବୁ ଜ୍ଞାନ ଅଛି, ତାହା ରିଲେଟିଭ୍ ଜ୍ଞାନ ଅଟେ । ସେଥିରେ କରିବାକୁ ପଡ଼େ । କିନ୍ତୁ ଏହି ରିୟଲ୍ ଜ୍ଞାନ, ତାହାକୁ ବିଜ୍ଞାନ କୁହାଯାଏ । ବିଜ୍ଞାନ ଆସେ, ପୁଣି ତୁମକୁ କରିବାର କିଛି ନାହିଁ, ଏମିତି ହିଁ ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ଅନେକ ଲୋକ କୁହନ୍ତି ଯେ ଆମକୁ ଜ୍ଞାନ ହୋଇଛି, ତାହା କ'ଣ ?

**ଦାଦାଶ୍ରୀ :** ନା, ତାହା ଜ୍ଞାନ ନୁହେଁ । ଯାହାକୁ ଜ୍ଞାନ ମାନନ୍ତି, ତାହା ମେକାନିକାଲ୍ ଜ୍ଞାନ ଅଟେ । ଜ୍ଞାନ ତ ଅଲଗା ଜିନିଷ ଅଟେ । ଜ୍ଞାନର ତ ବର୍ଣ୍ଣନା ହୋଇପାରେ ହିଁ ନାହିଁ । ଜ୍ଞାନର ଏକ ପରସେଣ୍ଟ୍ ବି ଆଜି କେହି ଦେଖି ନାହାନ୍ତି । ସେ ସବୁ ତ ମେକାନିକାଲ ଚେତନର କଥା, ଭୌତିକର କଥା । ଏବଂ ଭୌତିକର ସୂକ୍ଷ୍ମ ବିଭାଗ ଅଛି । ଯାହା ଭକ୍ତି ବିଭାଗ ଅଟେ ସେଥିରେ 'ମୁଁ' ଆଉ 'ଭଗବାନ' ଅଲଗା ହିଁ ରୁହନ୍ତି । ଜଗତ ପାଇଁ ସେହି ଜ୍ଞାନ ଠିକ ଅଟେ । ପ୍ରକୃତରେ ଜ୍ଞାନ କାହାକୁ କୁହାଯାଏ, ଯାହା ଫୁଲ୍(ସମ୍ପୂର୍ଣ୍ଣ) ଜ୍ଞାନ ଅଟେ । ଯାହା ଆଗକୁ କିଛି ଜାଣିବାର ଆବଶ୍ୟକତା ହିଁ ନାହିଁ, ଯାହାକୁ 'କେବଳଜ୍ଞାନ' କୁହାଯାଏ, ଯେଉଁଥିରେ କୌଣସି କ୍ରିୟା ହିଁ ନାହିଁ । ଜଗତରେ ଯେଉଁ ଜ୍ଞାନ ଅଛି, ତାହା କ୍ରିୟାବାଲା ଜ୍ଞାନ ଅଟେ ।

ଏହି ଦେହ ତ ୱାନ୍ ଲାଇଫ୍ (one life) ପାଇଁ ଏମିତି ହିଁ ଚାଲେ । ଏଥିରେ ଆତ୍ମାର କୌଣସି କ୍ରିୟା ନ ହେଲେ ମଧ୍ୟ କିଛି ଅସୁବିଧା ନାହିଁ । ଏଥିରେ ଆତ୍ମାର ଉପସ୍ଥିତି ଦରକାର । 'ଆମେ' 'ଏମାନଙ୍କ' ସହିତ ହିଁ ଅଛେ, ତେବେ ସବୁ କ୍ରିୟା ହୋଇଯାଉଛି । ସେ ସବୁ କ୍ରିୟା ମେକାନିକାଲ ଅଟେ । ୱାର୍ଲଡ ଯାହାକୁ ଆତ୍ମା ମାନୁଛି, ତାହା ମେକାନିକାଲ ଆତ୍ମା ଅଟେ, ପ୍ରକୃତ ଆତ୍ମା ନୁହେଁ । ପ୍ରକୃତ ଆତ୍ମା 'ଜ୍ଞାନୀ' ଦେଖିଛନ୍ତି ଏବଂ 'ଜ୍ଞାନୀ' ସେଥିରେ ହିଁ ରୁହନ୍ତି । ପ୍ରକୃତ ଆତ୍ମା ସେ 'ସ୍ୱୟଂ(ଖୁଦ୍)' ହିଁ ଅଟନ୍ତି । ତାଙ୍କୁ 'ଯିଏ' ଜାଣିଛି, ସେ ହିଁ ଖୁଦା(ଭଗବାନ) । ପ୍ରକୃତ ଆତ୍ମା ଅଚଳ ଅଟେ ଆଉ ମେକାନିକାଲ୍ ଆତ୍ମା ଚଞ୍ଚଳ ଅଟେ । । ସମସ୍ତେ ମେକାନିକାଲ୍ ଆତ୍ମାର ସନ୍ଧାନ କରନ୍ତି । ସେ ମେକାନିକଲ୍ ଆତ୍ମା ବି ଏବେ ମିଳି ନାହିଁ, ତେବେ ଅଚଳର କଥା କେଉଁଠୁ ମିଳିବ ? ତାହା ତ 'ଜ୍ଞାନୀପୁରୁଷ'ଙ୍କର ହିଁ କାମ । କେବେ କେଉଁ କାଳରେ ହିଁ 'ଜ୍ଞାନୀପୁରୁଷ' ହୁଅନ୍ତି ।

ହଜାର-ହଜାର ବର୍ଷରେ କେହି ଜଣେଅଧେ 'ଜ୍ଞାନୀପୁରୁଷ' ହୁଅନ୍ତି । ସେତେବେଳେ ତାଙ୍କ ପାଖରୁ ଆମକୁ ଆତ୍ମା ସ୍ପଷ୍ଟ ବୁଝା ପଡ଼ିଯାଏ ।

ପ୍ରତ୍ୟେକ ପୁସ୍ତକରେ ଲେଖା ହୋଇଛି, ପ୍ରତ୍ୟେକ ଧର୍ମ ଲେଖେ ଯେ ଆତ୍ମଜ୍ଞାନ ଜାଣ, ତାହା ହିଁ ଲାଷ୍ଟ କଥା । ହିନ୍ଦୁସ୍ତାନରେ ଏବେ ମଧ୍ୟ ସନ୍ଥ ମହାତ୍ମା ଅଛନ୍ତି । ସେମାନେ ସମସ୍ତେ ଆତ୍ମାର ସନ୍ଧାନ କରୁଛନ୍ତି । କିନ୍ତୁ କେହି ଏପରି ନାହାନ୍ତି ଯେ ଯାହାଙ୍କୁ ଆତ୍ମା ମିଳିଥିବ । ଆତ୍ମା ମିଳି ପାରିବ ଏପରି ଜିନିଷ ନୁହେଁ । ଯିଏ 'ମିଳିଛି' କହୁଛି, ସେ ଭ୍ରାନ୍ତିରେ କହୁଛି । ତା'କୁ ଜଣା ହିଁ ନାହିଁ ଯେ ଆତ୍ମା କି ଜିନିଷ ଅଟେ । ଆତ୍ମା ତ ସ୍ୱୟଂ ହିଁ ପରମାତ୍ମା ଅଟେ । ତାହା ଯଦି ମିଳିଗଲା ତେବେ ନିଜେ ହିଁ ପରମାତ୍ମା ହୋଇଗଲା । ଯେପର୍ଯ୍ୟନ୍ତ 'ହେ ଭଗବାନ ! ଏହା କର, ତାହା କର' କହୁଛି, ସେପର୍ଯ୍ୟନ୍ତ 'ମୁଁ ନିଜେ ଭଗବାନ, ମୁଁ ନିଜେ(ସ୍ୱୟଂ) ପରମାତ୍ମା' ଏପରି କହିବାର କେହି ସାହସ କରି ପାରିବ ନାହିଁ । ଯେପର୍ଯ୍ୟନ୍ତ 'ମୁଁ-ତୁ, ମୁଁ-ତୁ' ରହେ, ସେପର୍ଯ୍ୟନ୍ତ ତ ସେ କିଛି ବି କମାଇ ନାହିଁ (ହାସଲ କରି ନାହିଁ) ।

**ପ୍ରଶ୍ନକର୍ତ୍ତା :** ସେଥିପାଇଁ କ'ଣ କରିବା ଦରକାର ?

**ଦାଦାଶ୍ରୀ :** ନା, ସେଥିପାଇଁ କିଛି କରିବା ଦରକାର ନାହିଁ । ଏପରି କୌଣସି ବ୍ୟକ୍ତି ହିଁ ନାହିଁ, ଯିଏ କିଛି ବି କରିପାରିବ । କାରଣ ୟୁ ଆର୍ ଟପ୍‌ସ, ତୁମେ (ସମସ୍ତେ) ନଟୁ ଅଟ । ତୁମର କୌଣସି ଶକ୍ତି ହିଁ ନାହିଁ । ତୁମକୁ ପ୍ରକୃତି ଚଲାଉଛି । କାହିଁକିନା 'ତୁମେ କିଏ' ତାହା ତୁମକୁ ଜଣା ନାହିଁ । ତୁମ କ୍ଷମତା କ'ଣ ? ତୁମେ କ'ଣ କରିପାରିବ ? ଯିଏ ପ୍ରକୃତିକୁ ଜାଣେ, ପ୍ରକୃତି ଆଧାରରେ ଚାଲେ ଆଉ ନିଜକୁ ବି ଜାଣେ, ନିଜ ଆଧାରରେ ଚାଲେ, ଉଭୟ ଅଲଗା ଅଟନ୍ତି । ଯିଏ ସ୍ୱ-ପର ପ୍ରକାଶକ ହୋଇଗଲା, ସେ ସବୁକିଛି କରିପାରିବ । ସାରା ୱାର୍ଲଡର ଲୋକଙ୍କୁ ମୁଁ ଟପ୍‌ସ(ନଟୁ) କୁହେ । ଯଦି ସତ ଜାଣିବାର ଅଛି, ତେବେ ଅଲ୍ ଆର୍ ଟପ୍‌ସ ! ପ୍ରକୃତି ଯେପରି ନଚାଏ, ସେହିପରି ତୁମେ ନାଚୁଛ, ପୁଣି କହୁଛ, 'ମୁଁ ନାଚୁଛି ।' ଜ୍ଞାନୀପୁରୁଷଙ୍କୁ ତ ଭିତରେ 'ସ୍ୱ' ଏବଂ 'ପର' ଉଭୟ ଅଲଗା ହିଁ ରୁହେ ଆଉ ସେଥିରେ ଲାଇନ୍ ଅଫ୍ ଡିମାର୍କେଶନ୍ (ଭେଦରେଖା) ଥାଏ । 'ପର' ପ୍ରକୃତିର ବିଭାଗ ଅଟେ, ଅନାତ୍ମ ବିଭାଗ ଅଟେ ଏବଂ 'ସ୍ୱ', ନିଜର ବିଭାଗ ଅଟେ, ଆତ୍ମ ବିଭାଗ ଅଟେ । ତାଙ୍କୁ ହୋମ୍ ଡିପାର୍ଟମେଣ୍ଟ ଏବଂ ଫରେନ୍ ଡିପାର୍ଟମେଣ୍ଟ ଉଭୟ ଅଲଗା ହିଁ ରୁହେ । (ଯେବେ) ଆବଶ୍ୟକ ପଡ଼େ ତେବେ ଫରେନ୍‌ରେ ଆସନ୍ତି, ପ୍ରକାଶକ ରୂପରେ । କିନ୍ତୁ କ୍ରିୟା କରନ୍ତି ନାହିଁ କେବେ । ଆତ୍ମା କ୍ରିୟା କରି

ପାରିବ ହିଁ ନାହିଁ । ସେ, ଦର୍ଶନକ୍ରିୟା ଏବଂ ଜ୍ଞାନକ୍ରିୟା ହିଁ କରେ । କେବଳ ଏହି ଦୁଇ କ୍ରିୟା କରେ । ଏହା ଯେଉଁ ଆମେ ଦେଖି ପାରୁଛେ, ଏପରି କ୍ରିୟା କରିବାର ତା'ର ଶକ୍ତି ହିଁ ନାହିଁ । ତା'କୁ ଏପରି କରିବାର (ଯଦି) ଇଚ୍ଛା ହେବ ତେବେ ସେ କଳ୍ପନା କରିବା ମାତ୍ରେ କରି ପାରିବ । କୌଣସି ଅଙ୍ଗର କିଛି ଆବଶ୍ୟକତା ନାହିଁ । କଳ୍ପନା କଲା ତେବେ ଅଙ୍ଗବାଲା ହୋଇଯାଏ । ଏହି କଳ୍ପନାରୁ ହିଁ ଜଗତ ଉତ୍ପନ୍ନ ହୋଇଯାଇଛି । ପୁଣି ତା'କୁ ସବୁ ଜିନିଷ ଆସି ମିଳେ । ପରେ ତା'କୁ ଏସବୁ ପସନ୍ଦ ଆସେ ନାହିଁ, ସେଥିପାଇଁ ସେ ମୋକ୍ଷ ଖୋଜେ ଯେ, 'ହେ ଭଗବାନ ! ମୋତେ ଏ ସବୁ ଦରକାର ନାହିଁ । ମୋତେ ମୋକ୍ଷ ହିଁ ଦରକାର ।' ଯିଏ ଭଗବାନ ଅଟେ, ତା'ର ଗୋଟିଏ କଳ୍ପନାରୁ ପୁରା ୱର୍ଲଡ ସୃଷ୍ଟି ହୋଇଯାଏ ! କଳ୍ପନାର ଏତେ ଶକ୍ତି ! ! ଭଗବାନଙ୍କଠାରେ କଳ୍ପନାର ଶକ୍ତି ଅଛି କିନ୍ତୁ ଅଲଗା ଆମ ପରି ଶକ୍ତି ନାହିଁ, ଇଗୋଇଜମ୍ ନାହିଁ ।

କ'ଣ ପାଇଁ ଇଗୋଇଜମ୍ କରିବା ? ବଡ଼ ବ୍ୟକ୍ତିକୁ ଇଗୋଇଜମ୍ କରିବାର କ'ଣ ଆବଶ୍ୟକତା ? ଛୋଟ ବ୍ୟକ୍ତି ହିଁ ଇଗୋଇଜମ୍ କରେ । ଯିଏ ବଡ଼ ଅଟେ ତା'ଠାରୁ କେହି ବଡ଼ ନାହାନ୍ତି, ତା'କୁ ଇଗୋଇଜମ୍‌ର ଆବଶ୍ୟକତା କ'ଣ ? ମୁଁ ନିଜେ ହିଁ ଜାଣିଛି ଯେ ବ୍ରହ୍ମାଣ୍ଡରେ ମୋ ଠାରୁ କେହି ବଡ଼ ନାହାଁନ୍ତି, ତେବେ ମୋତେ ଇଗୋଇଜମ୍‌ର ଆବଶ୍ୟକତା କ'ଣ ? ମୁଁ ତ ବାଳକ ପରି ରହେ । ମୋତେ ଯଦି କେହି ଗାଳି ଦିଏ ତେବେ ମୁଁ ଆଶୀର୍ବାଦ ଦିଏ । ମୁଁ ଜାଣେ ଯେ ସେ ବିଚରାର ବୁଝିବାଶକ୍ତି ନାହିଁ ଏବଂ ଦୃଷ୍ଟି ନାହିଁ । ତା'କୁ ମୁଁ ନିର୍ଦ୍ଦୋଷ ଦେଖେ । ୱର୍ଲଡରେ ମୋତେ କେହି ଦୋଷୀ ଦେଖାଯାଏ ନାହିଁ । ମୋତେ ସମସ୍ତଙ୍କର ଆତ୍ମା ଦେଖାଯାଏ ଏବଂ ପ୍ରକୃତି ଦେଖାଯାଏ । ପ୍ରଥମେ ପୁରୁଷ(ଆତ୍ମା) ହୋଇଯାଅ, ପୁଣି ପୁରୁଷ ଦେଖ । ପରେ କେହି ଦୋଷୀ ଦେଖାଯିବେ ହିଁ ନାହିଁ । ଭଗବାନ ମହାବୀର କେବଳଜ୍ଞାନରେ ଥିଲେ, ତାଙ୍କୁ ସମସ୍ତେ ଏକ ସମାନ ନିର୍ଦ୍ଦୋଷ ଲାଗୁଥିଲେ । ତାଙ୍କ ଦୃଷ୍ଟିରେ ଚୋର ଚୋରୀ କରୁଛି, ତାହା ମଧ୍ୟ କରେକ୍ଟ ଏବଂ ଦାନବୀର ଦାନ ଦେଉଛି, ତାହା ମଧ୍ୟ କରେକ୍ଟ ।

## ଅହଙ୍କାର ର ଜଜ୍‌ମେଣ୍ଟ୍

**ଦାଦାଶ୍ରୀ :** ତୁମର କିଛି ଭୁଲ ଅଛି ନା ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ, ଅଛି ନା ।

**ଦାଦାଶ୍ରୀ :** କେତେ ? ଦୁଇ-ଚାରୋଟି ଥିବ ?

**ପ୍ରଶ୍ନକର୍ତ୍ତା :** ଯଦି ବିଚାର କରିବି ଯେ ମୋର କେଉଁଠି-କେଉଁଠି ଭୁଲ ହୋଇଛି, ତେବେ ବହୁତ ଦୋଷ ବାହାରିବ, କାହିଁକି ନା ଆତ୍ମାର 'ଜଜମେଣ୍ଟ୍' ଭୁଲ ହେବ ନାହିଁ ।

**ଦାଦାଶ୍ରୀ :** ଏହା ଆତ୍ମାର 'ଜଜ୍‌ମେଣ୍ଟ' ନୁହେଁ । ଏହା ଅହଙ୍କାରର 'ଜଜ୍‌ମେଣ୍ଟ' ଅଟେ । କିନ୍ତୁ ସେ ମଧ୍ୟ ସୁନ୍ଦର 'ଜଜ୍‌ମେଣ୍ଟ' କରେ । ଅହଙ୍କାର ବି ଶୁଦ୍ଧ ବସ୍ତୁ ଅଟେ । ତା'କୁ ଯେତେ ଶୁଦ୍ଧ ରଖିବାର ଥିବ, ସେତେ ରଖି ପାରିବା । କିନ୍ତୁ ଅହଙ୍କାରର ମୂଳ ଗୁଣ ଯାଏ ନାହିଁ । ଅହଙ୍କାରର ଯାହା ଇଣ୍ଟ୍ରେଷ୍ଟେଡ୍ ଜିନିଷ ଅଟେ, ତାହା ସେ ଦବେଇ ଦିଏ । ସେ ପୁଣି ସେଠାରେ ନ୍ୟାୟ କରେ ନାହିଁ । ଅହଙ୍କାରକୁ ନିଜକୁ ଯେଉଁଥିରେ ଇଣ୍ଟ୍ରେଷ୍ଟ ଥାଏ, ସେ ସବୁ ଜିନିଷର ଭୁଲ ଦେଖେ ନାହିଁ । ସେଠି ତ ସବୁ ଭୁଲ ଦବେଇ ଦିଏ ।

**ପ୍ରଶ୍ନକର୍ତ୍ତା :** ଅହଙ୍କାର ଛାଡ଼ିବାର ମାର୍ଗ କ'ଣ ?

**ଦାଦାଶ୍ରୀ :** ମୁଁ ହିଁ ଛଡ଼ାଏ । ତୁମେ କ'ଣ ଛାଡ଼ିବ ? ତୁମେ ତ ନିଜେ ହିଁ ଅହଙ୍କାର ଦ୍ୱାରା ବନ୍ଧା ହୋଇଛ ।

ଏହି ଅହଙ୍କାରର ଲେନ୍‌ଥ(ଲମ୍ବ) କେତେ, ହାଇଟ୍ (ଉଚ୍ଚତା) କେତେ ଏବଂ ବ୍ରେଡ଼ଥ୍ (ଚଉଡ଼ା) କେତେ, ଏହା ତୁମେ ଜାଣିଛ ? ଏହି ଅହଙ୍କାର ପୁରା ଜଗତରେ ୱାଇଡ୍ ସ୍ପ୍ରେଡ୍ (ବ୍ୟାପ୍ତ ହୋଇ) ଥାଏ ! ଅହଙ୍କାରର ଲେନ୍‌ଥ, ବ୍ରେଡ଼ଥ୍, ହାଇଟ୍ ସବୁ ବହୁତ, ତାହେଲେ ଏବେ ଅହଙ୍କାର କିପରି ବାହାର କରିବା ? ଯେପରି ଭଗବାନଙ୍କ ବିରାଟ ସ୍ୱରୂପ, ସେହିପରି ଅଟେ ଅହଙ୍କାର ର ସ୍ୱରୂପ । ତୁମକୁ ଅହଙ୍କାର ବାହାର କରିବାର ଅଛି ? ତେବେ ମୁଁ ବାହାର କରିଦେବି । ମୋ ପାଖକୁ ଆସିଯିବ ।

ଅହଙ୍କାର ଯଦି ଚାଲିଯିବ ତେବେ ପୁଣି ଅହଙ୍କାରର ଛୁଆ-ପିଲା ଅଛନ୍ତି ନା, କ୍ରୋଧ-ମାନ-ମାୟା-ଲୋଭ, ସେମାନେ ସବୁ ନିଜ ବିଛଣାପତ୍ର ଧରି ଚାଲିଯିବେ । ପରେ ଦେହରେ ଯାହା ଅଳ୍ପ ରହେ, ତାହା ନିର୍ଜିବ ଅହଙ୍କାର ରହେ, ନିର୍ଜିବ କ୍ରୋଧ-ମାନ-ମାୟା-ଲୋଭ ରହେ, ସଜୀବ ରହିବ ନାହିଁ । ପରେ କ୍ରୋଧ ତୁମକୁ ହେବ ନାହିଁ, ବଡୀ(ଶରୀର)କୁ ହୋଇଯିବ । କିନ୍ତୁ ନିର୍ଜିବ (କ୍ରୋଧ) ହୋଇଯିବ । ନିର୍ଜିବ ଅର୍ଥାତ୍ ଡ୍ରାମାଟିକ୍, ନାଟକ ପରି ରହେ । ଯେପରି ନାଟକରେ କୁହନ୍ତି ନା, 'ମୁଁ ରାଜା' କିନ୍ତୁ ଭିତିରେ ଜାଣିଥାଏ ଯେ, 'ମୁଁ ବ୍ରାହ୍ମଣ ଅଟେ ଆଉ ଏବେ ଏଠି ନାଟକରେ ରାଜା ହୋଇଛି ।'

## ନିର୍‌ଅହଙ୍କାରୀର ସଂସାର କିଏ ଚଲାଇବ ?

ମୋର ଅହଙ୍କାର ସମ୍ପୂର୍ଣ୍ଣ ସମାପ୍ତ ହୋଇଯାଇଛି । ସାଇଣ୍ଟିଷ୍ଟମାନେ ପଚାରନ୍ତି ଯେ 'ତୁମ ଅହଙ୍କାର ସମାପ୍ତ ହୋଇଗଲା ତେବେ ପୁଣି ତୁମେ କାମ କିପରି କରିପାରୁଛ ?' ମୁଁ କହିଲି, 'ତାହା ମୋର ନିର୍ଜିବ ଅହଙ୍କାର ଅଟେ ।' ଯେପରି ଏହି ନଟୁ(Top) ଦେଖିଛ ନା ? ତା'କୁ ଏପରି ଫିଙ୍ଗନ୍ତି, ପୁଣି ସେ ଘୂରେ । ସେ କିପରି ଘୂରେ ? ସେ ନିର୍ଜିବ ଅଟେ, ସେହିପରି ମୋର ଅହଙ୍କାର ମଧ୍ୟ ନିର୍ଜିବ ଅଟେ । ତୁମକୁ ସଜୀବ ଅହଙ୍କାର ବି ଅଛି ଏବଂ ନିର୍ଜିବ ଅହଙ୍କାର ବି ଅଛି । ନିର୍ଜିବ ଅହଙ୍କାର ଦ୍ୱାରା କର୍ମଫଳ ମିଳେ ଆଉ ସଜୀବ ଅହଙ୍କାର ଦ୍ୱାରା ଆଗାମୀ ଜନ୍ମ ପାଇଁ କର୍ମବନ୍ଧନ ହୁଏ ।

ସଜୀବ ଅହଙ୍କାରରୁ ଆସନ୍ତା ଜନ୍ମର ମନ-ବଚନ-କାୟାର ନୂଆ ବ୍ୟାଟେରୀ ଚାର୍ଜ ହୋଇଯାଏ ଆଉ ନିର୍ଜିବ ଅହଙ୍କାର ଦ୍ୱାରା ମନ-ବଚନ-କାୟାର ପୁରୁଣା ବ୍ୟାଟେରୀ ଡିସ୍‌ଚାର୍ଜ ହୁଏ । ଏହିପରି ତୁମକୁ ଚାର୍ଜ ଏବଂ ଡିସ୍‌ଚାର୍ଜ ଉଭୟ ହେଉଅଛି । ମୁଁ ତୁମ ଚାର୍ଜ ବନ୍ଦ କରିଦେବି, ପରେ କେବଳ ଡିସ୍‌ଚାର୍ଜ ରହିବ । କେବଳ ସଂସାର ଚଲାଇବା ପାଇଁ ଯେଉଁ ଅହଙ୍କାର ଦରକାର, ସେତିକି ଡିସ୍‌ଚାର୍ଜ ରୂପୀ ଅହଙ୍କାର ରୁହେ । ତାହା ଚାର୍ଜ ରୂପୀ ଅହଙ୍କାର ନୁହେଁ ।

ଆତ୍ମା ମିଳିଯିବା ପରେ, ଗାଳିଦେଉ, କିଛି ବି କରୁ, ତେବେ ତା'କୁ ସ୍ପର୍ଶ ହୁଏ ହିଁ ନାହିଁ । ଆତ୍ମା ମିଳିଯିବା ପରେ ଇଗୋଇଜମ୍ ଚାଲିଯାଏ । ଆତ୍ମା ମିଳିବା ପରେ ଯେଉଁ ଇଗୋଇଜମ୍ ରହେ, ତାହା ସଂସାରର କାମ କରେ ଏପରି ରହିବ, ନିର୍ଜିବ ଇଗୋଇଜମ୍, ପରେ ସଜୀବ ଇଗୋଇଜମ୍ ରହିବ ନାହିଁ ।

ଅହଙ୍କାରର ମୁକ୍ତି କରିବାର ଅଛି । ଅହଙ୍କାରର ମୁକ୍ତି ହେଲା ମାନେ ମୁକ୍ତି ହୋଇଗଲା ।

## ଜ୍ଞାନୀଙ୍କ ଭାଷାରେ ବଞ୍ଚେ-ମରେ କିଏ ?

**ପ୍ରଶ୍ନକର୍ତ୍ତା :** ଆତ୍ମା ଅମର ଅଟେ, ଏହାର ଅର୍ଥ କ'ଣ ?

**ଦାଦାଶ୍ରୀ :** ଅମର ଅର୍ଥାତ୍ ସନାତନ । ଯେଉଁ ଜିନିଷ ରିୟଲ୍ ଅଟେ, ତାହା ସନାତନ ଅଟେ । ସନାତନ ହିଁ ଅମର ଅଟେ । ସନାତନ ଅର୍ଥାତ ଶାଶ୍ୱତ, ପରମାନେଣ୍ଟ୍ ! ଆତ୍ମା, ତାହା ପରମାନେଣ୍ଟ୍ ଅଟେ । ତୁମେ ଏହି ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଯାହା ଅନୁଭବ

କରୁଛ, ସେ ସବୁ ରିଲେଟିଭ୍ ଅଟେ । ସେସବୁ ଅବସ୍ଥା ଅଟେ ଆଉ ଅବସ୍ଥା, ଟେମ୍ପରାରୀ ଏଡ଼ଜଷ୍ଟମେଣ୍ଟ୍ ଅଟେ, ବିନାଶୀ ଅଟେ ।

**ପ୍ରଶ୍ନକର୍ତ୍ତା :** ଏ ମରେ କିଏ ?

**ଦାଦାଶ୍ରୀ :** ନିଜେ ମରେ ହିଁ ନାହିଁ । ଏହି ଇଗୋଇଜମ୍ ଅଛି, ସେ ମରିବାବାଲା ଅଟେ । କାହିଁକିନା ସେ 'ମୁଁ (ଏହା) ଅଟେ, ମୁଁ (ତାହା) ଅଟେ' କୁହେ । ଯାହାର ଅହଙ୍କାର ନାହିଁ, ସେ ସ୍ୱୟଂ ହିଁ ଅଟେ, ସେ ସ୍ୱୟଂ ହୋଇଯାଇଛି ଆଉ ସ୍ୱୟଂ କେବେ ମରେ ହିଁ ନାହିଁ । ଇଗୋଇଜମ୍ ଅଛି, ତା'କୁ ମରିବାର ଫିୟର୍(ଭୟ) ଅଛି । ଇଗୋଇଜମ୍ ଯୋଗୁଁ ହିଁ କ୍ଷଣରେ ଏଲିଭେଟ୍ (elevate) ହୁଏ ଏବଂ କ୍ଷଣରେ ଡିପ୍ରେସ୍ ହୁଏ । ଇଗୋଇଜମ୍ ଚାଲିଗଲା, ପୁଣି କେବେ ଡିପ୍ରେସ୍ ହୁଏ ନାହିଁ ।

ଭଗବାନ କ'ଣ କୁହନ୍ତି ଯେ 'ଦୁନିଆରେ କେହି ମରେ ନାହିଁ' ଏବଂ ସବୁ ଲୋକ କାନ୍ଦନ୍ତି । କାହିଁକି ? ଲୋକେ କୁହନ୍ତି ଯେ 'ଆମକୁ ତ ଏପରି ଦେଖାଯାଉ ନାହିଁ ।' ତେବେ ମୁଁ କହିଲି ଯେ 'ମୋ ଆଖିରୁ ଦେଖ, 'ଜ୍ଞାନୀପୁରୁଷ'ଙ୍କ ଦୃଷ୍ଟିରୁ ଦେଖ ।' ମୁଁ ଦେଖି ନେଇଛି ଯେ ଏହି ଦୁନିଆରେ କେହି ମରେ ହିଁ ନାହିଁ । ତେବେ ଲୋକେ କାନ୍ଦନ୍ତି ଯେ 'ମୋ ଭାଇ ମରିଗଲା, ମୋ ପୁତୁରା ମରିଗଲା ।' ଆରେ, ଖାଲିରେ ଚିନ୍ତିତ କାହିଁକି ହେଉଛ ? କେବଳ ଅବସ୍ଥାର ବିନାଶ ହୁଏ, ମୂଳ ବସ୍ତୁ ସନାତନ ଅଟେ । ତୁମେ ଯଦି ସନାତନ ତେବେ ତୁମକୁ କିଛି ହୁଏ ନାହିଁ ଆଉ ତୁମେ ଯଦି ଅବସ୍ଥାରୂପ ହୋଇଗଲ ତେବେ ତୁମର ବିନାଶ ହୁଏ ।

କଥା ବୁଝିବାର ଆବଶ୍ୟକତା ଅଛି । ମୁଁ ବୈଜ୍ଞାନିକ କଥା କୁହେ, ବୈଜ୍ଞାନିକ ଅର୍ଥାତ୍ 'ଯାହା (ସିଦ୍ଧାନ୍ତ) ଅଟେ, ତାହା (ସିଦ୍ଧାନ୍ତ) ହିଁ ଅଟେ' ଏବଂ 'ଯାହା (ସିଦ୍ଧାନ୍ତ) ନୁହେଁ, ତାହା (ସିଦ୍ଧାନ୍ତ) ନୁହେଁ ' ଏପରି କୁହେ । ଯାହା '(ସିଦ୍ଧାନ୍ତ) ନୁହେଁ' ତାହାକୁ ମୁଁ '(ସିଦ୍ଧାନ୍ତ) ଅଟେ' କହିବି ନାହିଁ । ତୁମେ ଯଦି କହିବ ଯେ 'ଏପରି କିଛି ତ ହୋଇଥିବ' । ତେବେ ମଧ୍ୟ ମୁଁ କହିବି ଯେ 'ତାହା ନୁହେଁ' । ପୁଣି ତୁମକୁ କେତେ ବି ଖରାପ ଲାଗୁ ତଥାପି ମୁଁ '(ସିଦ୍ଧାନ୍ତ) ନୁହେଁ', ତାହାକୁ '(ସିଦ୍ଧାନ୍ତ) ଅଟେ' କହିବି ନାହିଁ । କାରଣ ମୋର ଉତ୍ତରଦାୟିତ୍ୱ ଅଛି । ମୁଁ ଯେଉଁ କଥା କୁହେ, ମୁଁ ବାଇଶ ବର୍ଷ ହେଲା ଯାହା ବି କହୁଛି, ସେଥିରୁ ଗୋଟିଏ କଥା ତୁମେ ପଚାରିବ ଯେ ମୋତେ ଆପଣ ଏହା କହିଛନ୍ତି ତେବେ ଏହାର ସ୍ପଷ୍ଟତା ଦିଅନ୍ତୁ, ତେବେ ମୁଁ ସ୍ପଷ୍ଟତା ଦେଇପାରିବି । ମୁଁ ପ୍ରତ୍ୟେକ

ଜିନିଷର ସ୍ୱଷ୍ଟତା ଦେବାକୁ ପ୍ରସ୍ତୁତ ଅଛି । ଏହି ଓ୍ୱର୍ଲଡ ଇଟ୍‌ସେଲ୍ଫ ପଜଲ୍ ହୋଇ ଯାଇଛି ! ମୁଁ ନିଜେ ଦେଖିଛି ଯେ କିପରି ପଜଲ୍ ହୋଇ ଯାଇଛି ।

**ପ୍ରଶ୍ନକର୍ତ୍ତା :** ଇଂରାଜୀରେ ସୋଲ୍(soul) କୁହନ୍ତି, ତାହା ହିଁ ଆତ୍ମା ?

**ଦାଦାଶ୍ରୀ :** ସେମାନେ ସୋଲ୍ କୁହନ୍ତି, କିନ୍ତୁ ବୁଝନ୍ତି ନାହିଁ ଯେ ସୋଲ୍ କି ଜିନିଷ ଅଟେ । ଆତ୍ମା ଅଲଗା ବସ୍ତୁ ଅଟେ । ଆତ୍ମା ତ ପ୍ରକାଶ ଅଟେ । କିନ୍ତୁ ତାହାକୁ ଆତ୍ମା ଏପରି କେବଳ ନାମ ଦିଆଯାଇଛି । ଆତ୍ମା ଜିନିଷ (ସନାତନ ତତ୍ତ୍ୱ) ଅଟେ । ଚାରି ବେଦ ପଢ଼ିବା, ତେବେ ମଧ୍ୟ ସେଥିରେ ଆତ୍ମା ନାହିଁ । ସମସ୍ତେ ଆତ୍ମାର ସନ୍ଧାନ କରନ୍ତି । କିନ୍ତୁ ଆତ୍ମା ସ୍ଥୁଳ ଜିନିଷ ନୁହେଁ । ତାହା ସୂକ୍ଷ୍ମ ଜିନିଷ ନୁହେଁ । ତାହା ସୂକ୍ଷ୍ମତର ଜିନିଷ ବି ନୁହେଁ । ଆତ୍ମା ତ ସୂକ୍ଷ୍ମତମ ଜିନିଷ ଅଟେ । ପୁସ୍ତକ ତ ସ୍ଥୁଳ ଅଟେ, ଶବ୍ଦ ବି ସ୍ଥୁଳ ଅଟେ । ପୁସ୍ତକରେ ତ ସ୍ଥୁଳ କଥା ହିଁ ଅଛି । ସୂକ୍ଷ୍ମ, ସୂକ୍ଷ୍ମତର, ସୂକ୍ଷ୍ମତମ କଥା ତ ଏଥିରେ ବିଲକୁଲ ବି ନାହିଁ । ତେବେ କେଉଁଠି ଆତ୍ମାର ସନ୍ଧାନ କରିବା ? ଗୋ ଟୁ 'ଜ୍ଞାନୀ', 'ଜ୍ଞାନୀପୁରୁଷ'ଙ୍କ ପାଖକୁ ଯାଅ, ସେଠି ସବୁ କିଛି ମିଳିବ ।

## ଅହଙ୍କାର, ଧ୍ୟାନରେ ନୁହେଁ କିନ୍ତୁ କ୍ରିୟାରେ

**ପ୍ରଶ୍ନକର୍ତ୍ତା :** ମୋ ଦ୍ୱାରା ଠିକ୍‌ରେ ଧ୍ୟାନ ହୋଇପାରୁନାହିଁ । ଧ୍ୟାନ କିପରି କରିବା ଉଚିତ୍ ? ମୋତେ ଶିଖିବାର ଅଛି ।

**ଦାଦାଶ୍ରୀ :** ଧ୍ୟାନ ତୁମେ କରୁଛ ନା ଅଲଗା କେହି କରୁଛି ?

**ପ୍ରଶ୍ନକର୍ତ୍ତା :** ମୁଁ କରୁଛି ।

**ଦାଦାଶ୍ରୀ :** କ'ଣ କେବେ ଏପରି ହୁଏ ଯେ ତୁମଦ୍ୱାରା ଧ୍ୟାନ ହୋଇପାରେ ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ, ଏପରି ହୁଏ ।

**ଦାଦାଶ୍ରୀ :** ତାହାର କାରଣ ଅଛି । ଯେପର୍ଯ୍ୟନ୍ତ 'ତୁମେ ଚନ୍ଦୁଭାଇ ଅଟ', ସେପର୍ଯ୍ୟନ୍ତ କୌଣସି ବି କାର୍ଯ୍ୟ ଠିକ୍ ରୂପେ ହେବ ନାହିଁ । ତୁମେ ଚନ୍ଦୁଭାଇ ଅଟ ସେହି କଥା କେତେ ପ୍ରତିଶତ ଠିକ ହୋଇଥିବ ?

**ପ୍ରଶ୍ନକର୍ତ୍ତା :** ଶତ ପ୍ରତିଶତ ।

**ଦାଦାଶ୍ରୀ :** ଯେପର୍ଯ୍ୟନ୍ତ 'ମୁଁ ଚନ୍ଦୁଭାଇ' ରଙ୍ଗ୍ ବିଲିଫ୍ ଅଛି, ସେପର୍ଯ୍ୟନ୍ତ 'ମୁଁ ଏହା କଲି, ମୁଁ ତାହା କଲି', ଏପରି ଅହଙ୍କାର ଅଛି । ଯାହା ବି କାର୍ଯ୍ୟ କର, ସେଥିରେ କର୍ତ୍ତାପଣର ଅହଙ୍କାର ହେବ ଆଉ କର୍ତ୍ତାପଣର ଅହଙ୍କାର (ଯେତିକି) ବଢ଼ିବ ଭଗବାନ ସେତିକି ଦୂରକୁ ଚାଲିଯିବେ । ଯଦି ତୁମକୁ ପରମାତ୍ମାପଦ ପ୍ରାପ୍ତ କରିବାର ଅଛି ତେବେ ଜ୍ଞାନୀଙ୍କ ପାଖରୁ ଜ୍ଞାନ ନେବା ଦ୍ୱାରା ତୁମ ଅହଙ୍କାର ବିଲୟ ହେବ ତେବେଯାଇ ତୁମ କାମ ହେବ ।

ଧ୍ୟାନ କରିବା କାହାକୁ ମଧ୍ୟ ଆସୁ ନାହିଁ । ଯେଉଁ ଧ୍ୟାନ କରିବାକୁ ପଡ଼େ, ତାହା ଅହଙ୍କାର ଦ୍ୱାରା ହୁଏ । ସେଥିପାଇଁ ତାହାକୁ ପ୍ରକୃତ ଧ୍ୟାନ କୁହାଯାଏ ନାହିଁ । ତାହାକୁ ଏକାଗ୍ରତା କୁହନ୍ତି । ଯେଉଁଠି ଅହଙ୍କାର ନାହିଁ, ସେଠାରେ ଧ୍ୟାନ ଅଛି । ଧ୍ୟାନ ଅହଙ୍କାର ଦ୍ୱାରା ହୋଇପାରିବ ନାହିଁ । ଧ୍ୟାନ ତ ବୁଝିବା ପରି ଜିନିଷ ଅଟେ, ତାହା କରିବାର ଜିନିଷ ନୁହେଁ । ଧ୍ୟାନ ଆଉ ଏକାଗ୍ରତା ମଧ୍ୟରେ ବହୁତ ଅନ୍ତର ଅଛି । ଏକାଗ୍ରତା ପାଇଁ ଅହଙ୍କାରର ଆବଶ୍ୟକତା ପଡ଼େ । ଧ୍ୟାନ ତ ଅହଙ୍କାରରୁ ନିର୍ଲେପ ଅଟେ । ଅହଙ୍କାର ବଢ଼େ କିମ୍ବା କମ ହୁଏ ତେବେ ତାହା ତୁମ ଖିଆଲରେ ରହେ ନା ନାହିଁ ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ଅହଙ୍କାର ବଢ଼େ ଅଥବା କମ ହୁଏ ତାହା ଖିଆଲରେ ରଖେ, ତାହାର ନାମ ଧ୍ୟାନ । ଆର୍ତ୍ତଧ୍ୟାନ ଏବଂ ରୌଦ୍ରଧ୍ୟାନରେ ମଧ୍ୟ ଅହଙ୍କାର ନଥାଏ ।

**ପ୍ରଶ୍ନକର୍ତ୍ତା :** ଧର୍ମଧ୍ୟାନରେ ଅହଙ୍କାର ରହେ ନା ନାହିଁ ?

**ଦାଦାଶ୍ରୀ :** ସେଥିରେ ମଧ୍ୟ ଅହଙ୍କାର ନାହିଁ । ଧ୍ୟାନରେ ଅହଙ୍କାର ନଥାଏ, କ୍ରିୟାରେ ଅହଙ୍କାର ଥାଏ ।

**ପ୍ରଶ୍ନକର୍ତ୍ତା :** ରୌଦ୍ରଧ୍ୟାନ ଏବଂ ଆର୍ତ୍ତଧ୍ୟାନରେ ଅହଙ୍କାର ନିମିତ୍ତ ତ ହୁଏ ନା ?

**ଦାଦାଶ୍ରୀ :** କେବଳ ନିମିତ୍ତ ନୁହେଁ, କିନ୍ତୁ କ୍ରିୟା ମଧ୍ୟ ଅହଙ୍କାରର ଅଟେ । କ୍ରିୟା ତାହା ଧ୍ୟାନ ନୁହେଁ । କିନ୍ତୁ କ୍ରିୟାରୁ ଯେଉଁ ପରିଣାମ ଉତ୍ପନ୍ନ ହୁଏ, ତାହା ଧ୍ୟାନ । ଆଉ ଯେଉଁ ଧ୍ୟାନ ଉତ୍ପନ୍ନ ହୁଏ ସେଥିରେ ଅହଙ୍କାର ନାହିଁ । ଆର୍ତ୍ତଧ୍ୟାନ ହୋଇଗଲା, ସେଥିରେ 'ମୁଁ ଆର୍ତ୍ତଧ୍ୟାନ କରୁଛି' ଏପରି ଯଦି ନ ହୁଏ ତେବେ ସେହି ଧ୍ୟାନରେ ଅହଙ୍କାର ନଥାଏ । ଅହଙ୍କାରର ଅଲଗା ଜାଗାରେ 'ଉପଯୋଗ' ହୁଏ, ସେତେବେଳେ ଧ୍ୟାନ ଉତ୍ପନ୍ନ ହୁଏ ।

**ପ୍ରଶ୍ନକର୍ତ୍ତା :** ଧ୍ୟାନରେ ଅହଙ୍କାର ନାହିଁ, କର୍ତ୍ତା ନୁହେଁ, ତେବେ ପୁଣି କର୍ମବନ୍ଧନ କିପରି ହୁଏ ?

**ଦାଦାଶ୍ରୀ :** ଆର୍ତ୍ତଧ୍ୟାନ ହେବା ପରେ 'ମୁଁ ଆର୍ତ୍ତଧ୍ୟାନ କଲି' ଏପରି ମାନେ ସେଠି କର୍ତ୍ତା ହୁଏ, ଏବଂ ତାହାର ବନ୍ଧନ ହୁଏ ।

**ପ୍ରଶ୍ନକର୍ତ୍ତା :** ଆପଣ କହିଥିଲେ ଯେ ଧ୍ୟେୟ ସ୍ଥିର କରିବା ପରେ ନିଜେ ଧ୍ୟାତା ହୁଏ, ତେବେ ଧ୍ୟାନ ଉତ୍ପନ୍ନ ହୁଏ । ସେଥିରେ ଅହଙ୍କାରର ଆବଶ୍ୟକତା ନାହିଁ ?

**ଦାଦାଶ୍ରୀ :** ସେଥିରେ ଅହଙ୍କାର ଥାଇପାରେ ଅଥବା ନଥାଇ ବି ପାରେ । ନିର୍‌ଅହଙ୍କାରୀ ଧ୍ୟାତା ହୁଏ ତେବେ ଶୁକ୍ଳଧ୍ୟାନ ଉତ୍ପନ୍ନ ହୁଏ । ନହେଲେ ଧର୍ମଧ୍ୟାନ ଅଥବା ଆର୍ତ୍ତଧ୍ୟାନ ଅଥବା ରୌଦ୍ରଧ୍ୟାନ ଉତ୍ପନ୍ନ ହୁଏ ।

**ପ୍ରଶ୍ନକର୍ତ୍ତା :** ମାନେ ଧ୍ୟାତାପଦ ଅହଙ୍କାରୀ ହୋଇଥାଉ କିମ୍ବା ନିର୍‌ଅହଙ୍କାରୀ ହୋଇଥାଉ, କିନ୍ତୁ ତାହାର ପରିଣାମ ସ୍ୱରୂପ ଯେଉଁ ଧ୍ୟାନ ଉତ୍ପନ୍ନ ହୁଏ ସେଥିରେ ଅହଙ୍କାର ନାହିଁ ?

**ଦାଦାଶ୍ରୀ :** ହଁ ! ଆଉ ଶୁକ୍ଳଧ୍ୟାନ ଯେବେ ପରିଣାମରେ ଆସିବ, ସେତେବେଳେ ମୋକ୍ଷ ହେବ ।

**ପ୍ରଶ୍ନକର୍ତ୍ତା :** ଧ୍ୟେୟ ସ୍ଥିର ହୁଏ, ସେଥିରେ ଅହଙ୍କାରର ଅଂଶ ଥାଏ କି ?

**ଦାଦାଶ୍ରୀ :** ଅହଙ୍କାର ହିଁ ଧ୍ୟେୟ ନିଶ୍ଚିତ କରେ । ମୋକ୍ଷର ଧ୍ୟେୟ (ହୁଏ) ଏବଂ ଧ୍ୟାତା ନିର୍‌ଅହଙ୍କାରୀ ହୁଏ ତେବେ ଶୁକ୍ଳଧ୍ୟାନ ହୁଏ ।

**ପ୍ରଶ୍ନକର୍ତ୍ତା :** ଧର୍ମଧ୍ୟାନର ଧ୍ୟେୟରେ ଅହଙ୍କାରର ସୂକ୍ଷ୍ମ ଉପସ୍ଥିତି ଥାଏ କି ?

**ଦାଦାଶ୍ରୀ :** ହଁ, ଥାଏ । ଅହଙ୍କାରର ଉପସ୍ଥିତି ବିନା ଧର୍ମଧ୍ୟାନ ହୋଇ ପାରିବ ହିଁ ନାହିଁ ।

**ପ୍ରଶ୍ନକର୍ତ୍ତା :** ଆର୍ତ୍ତଧ୍ୟାନ, ରୌଦ୍ରଧ୍ୟାନ ଏବଂ ଧର୍ମଧ୍ୟାନ ତାହାକୁ *ପୁଦ୍‌ଗଲ୍* (ଯାହା ପୂରଣ ଏବଂ ଗଳନ ହୁଏ) ପରିଣତି କହିପାରିବା କି ?

**ଦାଦାଶ୍ରୀ :** ହଁ, ତାହା *ପୁଦ୍‌ଗଲ୍* ପରିଣତି କୁହାଯାଏ ଆଉ ଶୁକ୍ଳଧ୍ୟାନ ତାହା ସ୍ୱାଭାବିକ ପରିଣତି ଅଟେ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ ଶୁକ୍ଲଧ୍ୟାନ ତାହା ଆତ୍ମାର ପରିଣାମ ଅଟେ ନା ?

**ଦାଦାଶ୍ରୀ :** ହଁ ।

**ପ୍ରଶ୍ନକର୍ତ୍ତା :** ଶୁକ୍ଲଧ୍ୟାନ ଥିବ ତେବେ ସେଥିରୁ ଯେଉଁ କର୍ମ ହେବ ତାହା ଭଲ ହେବ । ଆଉ ଧର୍ମଧ୍ୟାନରେ ଥିବ ତେବେ ତାହା ଅପେକ୍ଷା କିଛି କମ ଭଲ କର୍ମ ହେବ, ତାହା ଠିକ୍ ?

**ଦାଦାଶ୍ରୀ :** ଶୁକ୍ଲଧ୍ୟାନ ଥିବ ତେବେ କ୍ରମିକ ମାର୍ଗରେ କର୍ମ ହୁଏ ହିଁ ନାହିଁ । ଅକ୍ରମ ମାର୍ଗରେ ଅଛେ ସେଥିପାଇଁ ହେଉଛି । କିନ୍ତୁ ଏଥିରେ ନିଜେ କର୍ତ୍ତା ହୋଇକି ହୁଏ ନାହିଁ, *ନିକାଲୀ* ଭାବରେ ହୁଏ (ନିଜେ ଅହଙ୍କାର ଠାରୁ ଅଲଗା ରୁହେ ଏବଂ କର୍ମ ପୂରା ହୁଏ) । ଏହା ତ କର୍ମ ସମାପ୍ତ କରିବା ବିନା 'ଜ୍ଞାନ' ପ୍ରାପ୍ତ ହୋଇଯାଇଛି ନା !

ରାଗ-ଦ୍ୱେଷ ସମାପ୍ତ କରିବା ପାଇଁ ଧ୍ୟାନ କରିବାର ନାହିଁ, କେବଳ ବୀତରାଗ ବିଜ୍ଞାନକୁ ଜାଣିବାର ଅଛି ।

## ଇଗୋଇଜମ୍‌ର ବିଲୟ କିପରି ?

ତୁମକୁ ଟେମ୍ପରାରୀ ରିଲିଫ୍ ଦରକାର ନା ପରମାନେଣ୍ଟ୍ ରିଲିଫ୍ ଦରକାର ?

**ପ୍ରଶ୍ନକର୍ତ୍ତା :** ପରମାନେଣ୍ଟ୍ ।

**ଦାଦାଶ୍ରୀ :** ତେବେ 'ମୁଁ ଚନ୍ଦୁଭାଇ ଅଟେ' ତାହା କେବେ ପର୍ଯ୍ୟନ୍ତ ଚାଲିବ ? ତାହାର ବିଶ୍ୱାସ କେତେ ଟାଇମ୍ ଚାଲିବ ? ନାମର କି ଭରସା ? ଦେହର କି ଭରସା ? ଆମେ ନିଜେ କିଏ, ତାହାର ସନ୍ଧାନ ତ କରିବା ଉଚିତ ନା ? ତାହା ଜାଣିନେବା ପରେ ଏବେ ଯେଉଁ ବ୍ୟାପାର ଚାଲୁଛି, ତାହାଠାରୁ ବି ଭଲ ଚାଲିବ । ଏବେ ତ ବ୍ୟାପାରରେ ଖରାପ ଅବସ୍ଥା ଆସେ, ସେହି ଅବସ୍ଥା କିଏ କରେ ? ବୁଦ୍ଧି ଭଲ ବ୍ୟାପାର କରେ ଆଉ ଇଗୋଇଜମ୍ ତାହାକୁ ନଷ୍ଟ କରେ । କିନ୍ତୁ ଇଗୋଇଜମ୍ ସର୍ବଦା କ୍ଷତି ପହଞ୍ଚାଏ ନାହିଁ ।

**ପ୍ରଶ୍ନକର୍ତ୍ତା :** ପ୍ରତ୍ୟେକ ସମୟରେ ଏହା ହିଁ ଅନୁଭବ ଯେ ଇଗୋଇଜମ୍ ହିଁ କ୍ଷତି କରେ ।

**ଦାଦାଶ୍ରୀ :** ହଁ, ଏଥିପାଇଁ ମୁଁ ଇଗୋଇଜମ୍ ବାହାର କରିଦିଏ । ପୁଣି କ୍ଷତି କରିବା ବାଲା ଚାଲିଗଲା । ପୁଣି ସବୁ ଓ୍ୱିକ୍‌ନେସ୍ ମଧ୍ୟ ଚାଲିଯାଏ । ଇଗୋଇଜମ୍ ଅଛି,

ସେଥିପାଇଁ ସବୁ ୱିକ୍‌ନେସ୍ ଅଛି । ଇଗୋଇଜମ୍ ଚାଲିଗଲା ତେବେ ୱିକ୍‌ନେସ୍ ଚାଲିଗଲା । ପରେ "ଚନ୍ଦୁଭାଇ କ'ଣ, ତୁମେ କ'ଣ", ତାହାର ପ୍ରଭେଦ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ସେଲ୍ଫ ରିୟଲାଇଜେଶନ୍ ନିକଟତର ହେବା ପାଇଁ ଅହମ୍ ନଷ୍ଟ ହେବା ଦରକାର ନା ?

**ଦାଦାଶ୍ରୀ :** ହଁ, 'ମୁଁ (ବିଶେଷ) ଅଟେ, (ଏହା) ମୋର' ଏସବୁ ନଷ୍ଟ ହେବା ଦରକାର । ମୋର ଏସବୁ ନଷ୍ଟ ହୋଇଯାଇଛି । ଏହି 'ପଟେଲ'କୁ ଯଦି କେହି ଗାଳି ଦିଏ ତେବେ 'ମୋତେ' ଟଚ୍ ହୁଏ ନାହିଁ । କାହିଁକିନା 'ମୁଁ' 'ପଟେଲ୍' ନୁହେଁ । ଯେପର୍ଯ୍ୟନ୍ତ ମୁଁ ମାନୁଛି ଯେ, 'ମୁଁ' 'ପଟେଲ', ସେପର୍ଯ୍ୟନ୍ତ ଇଗୋଇଜମ୍ ଅଛି ।

**ପ୍ରଶ୍ନକର୍ତ୍ତା :** ଇଗୋଇଜମ୍ ଚାଲିଯିବା, ତାହା ତ ବହୁତ କଷ୍ଟକର ।

**ଦାଦାଶ୍ରୀ :** ଇଗୋଇଜମ୍ ବଢ଼ାଇବା ତାହା ମଧ୍ୟ ବହୁତ କଷ୍ଟକର ଏବଂ ଇଗୋଇଜମ୍ ସମାପ୍ତ କରିବା ମଧ୍ୟ ବହୁତ କଷ୍ଟକର । କୌଣସି ଗରୀବ ବ୍ୟକ୍ତିକୁ ଯଦି ଇଗୋଇଜମ୍ ବଢ଼ାଇବାର ଥିବ, ତେବେ ସେ ବଢ଼ାଇ ପାରେ ନାହିଁ ।

ଇଗୋଇଜମ୍ ସମାପ୍ତ କରିବା ପାଇଁ କ'ଣ କରିବା ଉଚିତ୍ ? ଏପରି କେହି ବ୍ୟକ୍ତି ଯଦି ଥିବେ ଯେ ଯାହାର ଇଗୋଇଜମ୍ ସମାପ୍ତ ହୋଇଛି, ତାଙ୍କ ପାଖକୁ ଯିବା ଦ୍ୱାରା, ସେଠି ବସିବା ଦ୍ୱାରା ନିଜର ମଧ୍ୟ ଇଗୋଇଜମ୍ ସମାପ୍ତ ହୋଇଯାଏ । ଅନ୍ୟ ରାସ୍ତା ହିଁ ନାହିଁ । ଇଗୋଇଜମ୍ ସମାପ୍ତ ହୋଇ ଯାଇଥିବା ବ୍ୟକ୍ତି କେବେ କେମିତି ଦୁନିଆରେ ଆସନ୍ତି, ସେତେବେଳେ ନିଜ କାମ କାଢ଼ି ନେବ ।

**ଜୟ ସଚ୍ଚିଦାନନ୍ଦ**

# ଶୁଦ୍ଧାତ୍ମାଙ୍କ ପ୍ରତି ପ୍ରାର୍ଥନା

(ପ୍ରତିଦିନ ଥରେ କରନ୍ତୁ)

ହେ ଅନ୍ତର୍ଯ୍ୟାମୀ ପରମାତ୍ମା! ଆପଣ ପ୍ରତ୍ୟେକ ଜୀବମାତ୍ରରେ ବିରାଜମାନ ଅଛନ୍ତି, ଠିକ ସେହିପରି ମୋ ଭିତରେ ମଧ୍ୟ ବିରାଜମାନ ଅଛନ୍ତି । ଆପଣଙ୍କ ସ୍ୱରୂପ ହିଁ ମୋ ସ୍ୱରୂପ ଅଟେ । ମୋ ସ୍ୱରୂପ ଶୁଦ୍ଧାତ୍ମା ଅଟେ ।

ହେ ଶୁଦ୍ଧାତ୍ମା ଭଗବାନ ! ମୁଁ ଆପଣଙ୍କୁ ଅଭେଦ ଭାବରେ ଅତ୍ୟନ୍ତ ଭକ୍ତିପୂର୍ବକ ନମସ୍କାର କରୁଛି । ଅଜ୍ଞାନତାବଶ ମୁଁ ଯେଉଁ ଯେଉଁ ★★ ଦୋଷ କରିଛି, ସେ ସବୁ ଦୋଷଗୁଡ଼ିକୁ ଆପଣଙ୍କ ସମ୍ମୁଖରେ ପ୍ରକାଶ କରୁଛି । ସେ ସବୁ ପାଇଁ ହୃଦୟପୂର୍ବକ ବହୁତ ପଶ୍ଚାତାପ କରୁଛି ଏବଂ ଆପଣଙ୍କଠାରେ କ୍ଷମା ମାଗୁଛି । ହେ ପ୍ରଭୁ! ମୋତେ କ୍ଷମା କରନ୍ତୁ, କ୍ଷମା କରନ୍ତୁ, କ୍ଷମା କରନ୍ତୁ ଆଉ ପୁଣି ଏପରି ଦୋଷ ନ କରେ, ଏପରି ଆପଣ ମୋତେ ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ ।

ହେ ଶୁଦ୍ଧାତ୍ମା ଭଗବାନ ! ଆପଣ ଏପରି କୃପା କରନ୍ତୁ ଯେପରି ମୋତେ ଭେଦଭାବ ଛୁଟିଯାଉ ଏବଂ ଅଭେଦ ସ୍ୱରୂପ ପ୍ରାପ୍ତ ହେଉ । ମୁଁ ଆପଣଙ୍କ ସହ ଅଭେଦ ସ୍ୱରୂପରେ ତନ୍ମୟାକାର ରୁହେଁ ।

★★ ଯେଉଁ ଯେଉଁ ଦୋଷ ହୋଇଛି, ସେ ସବୁକୁ ମନରେ ପ୍ରକାଶ କରନ୍ତୁ ।

# ପ୍ରତିକ୍ରମଣ ବିଧି

ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ଦେହଧାରୀ ......... (ଯାହା ପ୍ରତି ଦୋଷ ହୋଇଥିବ, ସେ ବ୍ୟକ୍ତିର ନାମ)ର ମନ-ବଚନ-କାୟାର ଯୋଗ, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମରୁ ଭିନ୍ନ, ଏପରି ହେ ଶୁଦ୍ଧାତ୍ମା ଭଗବାନ ! ଆପଣଙ୍କ ସାକ୍ଷୀରେ, ଆଜି ଦିନ ପର୍ଯ୍ୟନ୍ତ ମୋ ଦ୍ୱାରା ଯେଉଁ ଯେଉଁ ★★ ଦୋଷ ହୋଇଛି, ସେ ସବୁ ପାଇଁ ମୁଁ କ୍ଷମା ମାଗୁଛି, ହୃଦୟପୂର୍ବକ ବହୁତ ପଶ୍ଚାତାପ କରୁଛି । ମୋତେ କ୍ଷମା କରନ୍ତୁ ଏବଂ ପୁଣି ଏପରି ଦୋଷ କେବେ ମଧ୍ୟ କରିବି ନାହିଁ, ଏପରି ଦୃଢ଼ 'ନିଶ୍ଚୟ' କରୁଛି । ସେଥିପାଇଁ ମୋତେ ପରମ ଶକ୍ତି ଦିଅନ୍ତୁ ।

★★ କ୍ରୋଧ-ମାନ-ମାୟା-ଲୋଭ, ବିଷୟ-ବିକାର, କଷାୟ ଆଦି ଦ୍ୱାରା ସେହି ବ୍ୟକ୍ତିକୁ ଯାହା ବି ଦୁଃଖ ପହଞ୍ଚାଇ ଥିବ, ସେ ଦୋଷଗୁଡ଼ିକୁ ମନରେ ସ୍ମରଣ କରନ୍ତୁ ।

❖ ❖ ❖

# ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରକାଶିତ ପୁସ୍ତକ

## ହିନ୍ଦୀ

୧. ଜ୍ଞାନୀପୁରୁଷ କୀ ପେହଚାନ୍
୨. ସର୍ବ ଦୁଃଖୋଁ ସେ ମୁକ୍ତି
୩. ଆତ୍ମବୋଧ
୪. ବର୍ତ୍ତମାନ ତୀର୍ଥଙ୍କର ଶ୍ରୀ ସୀମନ୍ଧର ସ୍ୱାମୀ
୫. ଦାଦା ଭଗବାନ କୌନ୍ ?
୬. ପୈସୋଁ କା ବ୍ୟବହାର
୭. ପ୍ରେମ
୮. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ସଂ.)
୯. ଦାନ
୧୦. ନିଜଦୋଷ ଦର୍ଶନ ସେ... ନିର୍ଦ୍ଦୋଷ
୧୧. ପତି-ପତ୍ନୀ କା ଦିବ୍ୟ ବ୍ୟବହାର
୧୨. କ୍ଲେଶ ରହିତ ଜୀବନ
୧୩. ଗୁରୁ-ଶିଷ୍ୟ
୧୪. ଅହିଂସା
୧୫. ସତ୍ୟ-ଅସତ୍ୟ କେ ରହସ୍ୟ
୧୬. ଚମତ୍କାର
୧୭. ବାଣୀ, ବ୍ୟବହାର ମେ...
୧୮. ସହଜତା
୧୯. ଆପ୍ତବାଣୀ - ୧
୨୦. ଆପ୍ତବାଣୀ - ୨
୨୧. ଆପ୍ତବାଣୀ - ୩
୨୨. ଆପ୍ତବାଣୀ - ୪
୨୩. ଆପ୍ତବାଣୀ - ୫
୨୪. ଆପ୍ତବାଣୀ - ୬
୨୫. ଆପ୍ତବାଣୀ - ୭
୨୬. ଆପ୍ତବାଣୀ - ୮
୨୭. ଆପ୍ତବାଣୀ - ୯
୨୮. ଆପ୍ତବାଣୀ - ୧୩ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୨୯. ଆପ୍ତବାଣୀ - ୧୪ (ଭାଗ-୧)
୩୦. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୩୧. ଜ୍ଞାନୀ ପୁରୁଷ (ଭାଗ-୧)
୩୨. ପ୍ରତିକ୍ରମଣ (ଗ୍ରନ୍ଥ)

## ଓଡ଼ିଆ ପୁସ୍ତକ :

୧. ଆତ୍ମସାକ୍ଷାତ୍କାର
୨. ଚିନ୍ତା
୩. କ୍ରୋଧ
୪. ମାନବ ଧର୍ମ
୫. ମୁଁ କିଏ ?
୬. ତ୍ରିମନ୍ତ୍ର
୭. ପାପ-ପୁଣ୍ୟ
୮. ସେବା ପରୋପକାର
୯. ପ୍ରତିକ୍ରମଣ
୧୦. କର୍ମର ବିଜ୍ଞାନ
୧୧. ଜଗତ କର୍ତ୍ତା କିଏ ?
୧୨. କର୍ମର ସିଦ୍ଧାନ୍ତ
୧୩. ଘର୍ଷଣ ଟାଳନ୍ତୁ
୧୪.ଏଡ଼ଜଷ୍ଟ ଏଭ୍ରିହ୍ୱେୟାର
୧୫. ଯିଏ ଭୋଗେ ତା'ର ଭୁଲ
୧୬. ଯାହା ହେଲା ତାହା ନ୍ୟାୟ
୧୭. ଭାବନା ସୁଧାରେ ଜନ୍ମୋଜନ୍ମ
୧୮. ମାତା-ପିତା ଏବଂ ପିଲାଙ୍କ ବ୍ୟବହାର
୧୯. ମୃତ୍ୟୁ ସମୟରେ, ପୂର୍ବରୁ ଏବଂ ପରେ
୨୦. ଅନ୍ତଃକରଣର ସ୍ୱରୂପ

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ଗୁଜରାଟୀ ଭାଷାରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ **www.dadabhagwan.org** ଏବଂ **Dadabhagwan App** ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକ ପ୍ରାପ୍ତ କରିପାରିବେ ।

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ "ଦାଦାବାଣୀ" ମାଗାଜିନ୍ ପ୍ରକାଶିତ ହେଉଛି ।

★ ଉପରୋକ୍ତ ଓଡ଼ିଆ ପୁସ୍ତକ ହିନ୍ଦୀ ଭାଷାରେ ମଧ୍ୟ ଉପଲବ୍ଧ ।

# ସମ୍ପର୍କ ସୂତ୍ର

## ଦାଦା ଭଗବାନ ପରିବାର

ଅଡ଼ାଲଜ : ତ୍ରିମନ୍ଦିର, ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇୱେ,
ପୋଷ୍ଟ-ଅଡ଼ାଲଜ,ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-382421
ଫୋନ-9328661166, 9328661177
**E-mail :** info@dadabhagwan.org

ମୁମ୍ବାଇ : ତ୍ରିମନ୍ଦିର, ଋଷିବନ, କାଜୁପାଡ଼ା, ବୋରିବଲି (E)
ଫୋନ-9323528901

| | | | |
|---|---|---|---|
| ଦିଲ୍ଲୀ | : 9810098564 | ବେଙ୍ଗାଲୁରୁ | : 9590979099 |
| କୋଲକତା | : 9830080820 | ହାଇଦ୍ରାବାଦ | : 9885058771 |
| ଚେନ୍ନାଇ | : 7200740000 | ପୁନେ | : 7218473468 |
| ଜୟପୁର | : 8890357990 | ଜଲନ୍ଧର | : 9814063043 |
| ଭୋପାଳ | : 6354602399 | ଚଣ୍ଡିଗଡ | : 9780732237 |
| ଇନ୍ଦୋର | : 6354602400 | କାନପୁର | : 9452525981 |
| ରାୟପୁର | : 9329644433 | ସାଙ୍ଗଲୀ | : 9423870798 |
| ପାଟନା | : 7352723132 | ଭୁବନେଶ୍ୱର | : 8763073111 |
| ଅମରାବତୀ | : 9422915064 | ବାରାଣସୀ | : 9795228541 |

**U.S.A** : **DBVI, Tel . :**+1 877-505-DADA (3232),
**Email :** info@us.dadabhagwan.org

**U.K.** : +44 330-111-DADA (3232)

**Kenya** : +254 722 722 063

**UAE** : +971 557316937

**Dubai** : +971 501364530

**Australia** : +61 421127947

**New Zealand** : +64 21 0376434

**Singapore** : +65 81129229

**www.dadabhagwan.org**



## ଅନ୍ତଃକରଣର ସ୍ୱରୂପ !

'ଜ୍ଞାନୀପୁରୁଷ'ଙ୍କୁ **world** ର **observatory** କୁହାଯାଏ । ବ୍ରହ୍ମାଣ୍ଡରେ ଯାହା ଚାଲୁଅଛି, 'ଜ୍ଞାନୀପୁରୁଷ' ସେ ସବୁ ଜାଣନ୍ତି । ବେଦରୁ ଆଗର କଥା 'ଜ୍ଞାନୀ ପୁରୁଷ' ବତାଇ ପାରନ୍ତି ।

ତୁମେ କିଛି ବି ପଚାର, ମୋତେ ଖରାପ ଲାଗିବ ନାହିଁ । ପୁରା ଦୁନିଆର ସାଇଣ୍ଟିଷ୍ଟ ଯାହା ମାଗିବେ ସେ ସବୁ ଜ୍ଞାନ ଦେବି, ଯେ ମାଇଣ୍ଡ (ମନ) କ'ଣ, ତାହାର ଜନ୍ମ କେଉଁଠୁ, ତାହାର ମରଣ କେଉଁଠି । ସବୁ ମନର, ବୁଦ୍ଧିର, ଚିତ୍ତର, ଅହଙ୍କାରର, ପ୍ରତ୍ୟେକ ଜିନିଷର ସବୁ ସାଇନ୍ସ ଦୁନିଆକୁ ମୁଁ ଦେବା ପାଇଁ ଆସିଛି ।

- ଦାଦାଶ୍ରୀ

dadabhagwan.org

ISBN 978-93-90664-90-0

9 789390 664900

Printed in India

Price ₹20